

### ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦର ସାଂଗଠନିକ ବୈଠକ

# ଆୟୋଜନ ହେବ ସଂକୀର୍ତ୍ତନ ମହାକୁମ୍ଭ

ଭୁବନେଶ୍ୱର, ୧୯।୧(ସମିସ): ଶ୍ରୀଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦର ସାଂଗଠନିକ ବୈଠକ ଆର୍‌ସିଏମ୍ କଲେଜ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଂଗଠନର ସମସ୍ତ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ସମ୍ପାଦକ ଯୋଗଦେଇଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ମହାନ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ସଂକୀର୍ତ୍ତନ କଳାକାରମାନେ ସର୍ବଦା ପ୍ରାଥମିକତା ଦେଉଥିବାବେଳେ ସଂକୀର୍ତ୍ତନ କଳାକାରମାନଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ସରକାରଙ୍କୁ ଅବଗତ କରାଯାଇଥିବା ବିଷୟରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସାରା ରାଜ୍ୟର ସମସ୍ତ ସଂକୀର୍ତ୍ତନ କଳାକାରଙ୍କୁ ନେଇ ଏକ ସଂକୀର୍ତ୍ତନ ମହାକୁମ୍ଭ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ସଭାପତି ବାସୁଦେବ ଭଟ୍ଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆର୍‌ସିଏମ୍ ଚେୟାରମ୍ୟାନ ପ୍ରବୀର ପାଲ୍ ଅତିଥି ଭାବେ ଯୋଗଦେଇ ମହାପ୍ରଭୁଙ୍କ ନାମ ସଂକୀର୍ତ୍ତନ ମାନବ ଜୀବନର ମୂଳ ଉତ୍ସ ବୋଲି କହିଥିଲେ।

## 'କଳ୍ପନାର କଳ୍ପନା' ଉନ୍ମୋଚିତ

ଭୁବନେଶ୍ୱର, ୧୯।୧(ସମିସ): ଦେବଶ୍ରୀ ଚାରିଟେବଲ୍ ଟ୍ରଷ୍ଟର ପ୍ରଥମ ପ୍ରକାଶନ ଡ. ଗୌରୀ ଶତପଥୀଙ୍କ କବିତା ସଂକଳନ 'କଳ୍ପନାର କଳ୍ପନା' ଓ ଶୀଳା ସ୍ୱପ୍ନର ପୁନଃସଂସ୍କରଣ ଗୀତଗୋବିନ୍ଦ ଭବନରେ ଉନ୍ମୋଚିତ ହୋଇଯାଇଛି। ଆଇନଜୀବୀ ଡ. ମଧୁମାଧବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନ୍‌ହୁର ଯୋଗଦେଇ କହିଥିଲେ ଯେ ମଣିଷ ମନରେ ଅନ୍ତଃଦ୍ୱନ୍ଦ୍ୱ ବା ଆଉ ଗୋଟିଏ କଥା ପ୍ରତି ସମ୍ବେଦନା ଆସିଲେ ଯାଇ ମଣିଷ ସାହିତ୍ୟ ସୃଷ୍ଟି କରେ। ମଣିଷର ସୃଜନଶୀଳତା ଭାବ ହିଁ ସାହିତ୍ୟ ସୃଷ୍ଟି କରି ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇଥାଏ ବୋଲି କହିଥିଲେ। ବିଶିଷ୍ଟ ସାହିତ୍ୟ ସମାଲୋଚିକା ଡ. ସଂଘମିତ୍ରା ମିଶ୍ର ପୁସ୍ତକଟିର ସମୀକ୍ଷା କରିଥିବାବେଳେ ଲେଖିକା ଶ୍ରୀମତୀ ଶତପଥୀ ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ।

# ବଢ଼ୁଛି ରାସ୍ତାକଡ଼ କାର୍ ପାର୍କିଂ

## ରୋକିବାକୁ ଯୋଜନା ନାହିଁ



ଭୁବନେଶ୍ୱର,୧୯।୧(ସମିସ):

ବଢ଼ୁଥିବା କାର୍ ସଂଖ୍ୟାକୁ ନେଇ ବିଭିନ୍ନ ରାଜ୍ୟର ପ୍ରଶାସନ ଏବେ ତ୍ରାହି ତ୍ରାହି ଡାକିଲେଣି। କାରଣ ଏହା ଦ୍ୱାରା ବେଆଇନ୍ ପାର୍କିଂ ସ୍ଥିତି ବେକାବୁ ହୋଇଚାଲିଛି। ଲୋକେ ଯେଉଁଠି ପାରୁଛନ୍ତି କାର୍ ପାର୍କିଂ କରୁଛନ୍ତି। ରାସ୍ତାଘାଟରେ ଅବାଧ ପାର୍କିଂ ସହରରେ ଜଟିଳ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ଜରୁରୀକାଳୀନ ଗାଡ଼ି, ଆମ୍ବୁଲାନ୍ସ, ଅଗ୍ନିଶମ ଯାନ ଏବଂ ପୁଲିସ ଭ୍ୟାନ୍ ଚଳାଚଳରେ ଅସୁବିଧା ସୃଷ୍ଟି ହେଉଛି। ଏହାକୁ ରୋକିବାକୁ ସରକାର କିମ୍ବା ପ୍ରଶାସନ ପାଖରେ କିଛି ନୂଆ ଯୋଜନା ନାହିଁ। ଯାହା ବି ପୁରୁଣା ଯୋଜନା ରହିଛି, ସେଥିରେ କିଛି କାମ ହେଉ ନାହିଁ। ମହାରାଷ୍ଟ୍ରରେ ବେଆଇନ ପାର୍କିଂ ସ୍ଥିତି ଜଟିଳ ହେବାରୁ ଏହା ଉପରେ ରୋକ୍ ଲଗାଇବାକୁ ବିକଳ୍ପ ଚିନ୍ତା କରୁଛନ୍ତି ସେଠାକାର ସରକାର। ଲୋକଙ୍କ ପାର୍କିଂ ସ୍ଥାନ ନ ଥିଲେ କାର୍ କିଣିବାକୁ ଅନୁମତି ଦିଆଯିବ ନାହିଁ। ଏଣୁ ଗ୍ରାହକଙ୍କୁ ପ୍ରଥମେ ପାର୍କିଂ ବ୍ୟବସ୍ଥା ଯୋଗାଡ଼ କରିବାକୁ ପଡ଼ିବା ପରେ ଯାଇ କାର୍ କିଣିବେ। ଏଭଳି ବ୍ୟବସ୍ଥା ଲାଗୁହେଲେ ରାସ୍ତାକଡ଼ ପାର୍କିଂ ଉପରେ ଅନେକାଂଶରେ ରୋକ୍ ଲାଗିପାରିବ ବୋଲି ସେଠାକାର ସରକାର ଯୁକ୍ତି ବାଢ଼ୁଛନ୍ତି।

ଭୁବନେଶ୍ୱରରେ ମଧ୍ୟ ସମାନ ସ୍ଥିତି ଦେଖାଦେଲାଣି। ପାର୍କିଂ ନ ଥାଇ ଲୋକେ କାର୍ କିଣି ଚାଲିଛନ୍ତି। ଅନେକ ପରିବାର ରହିଛି ଯାହାଙ୍କ ଘରେ କାର୍ ସଂଖ୍ୟା ୩ରୁ ୪। ବାପା ନାଆଁରେ ଗୋଟିଏ କାର୍, ପୁଅ ନାମରେ ଆଉ ଗୋଟେ କାର୍। ଝିଅ ଆଉ ବୋହୂ ବି ଭିନ୍ନ ଭିନ୍ନ କାର୍‌ର ମାଲିକ। ହେଲେ ଉକ୍ତ ପରିବାର ପାଖରେ ଗାଡ଼ି ପାର୍କିଂ କରିବାକୁ ଖଣ୍ଡେ ବି ପାର୍କିଂସ୍ଥଳ ନାହିଁ। ଏମାନେ ବର୍ଷକ ବାରମାସ ରାସ୍ତା ଉପରେ ପାର୍କିଂ କରୁଛନ୍ତି। ଯାହାକୁ ନେଇ ସହରରେ ଜଟିଳ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଭବିଷ୍ୟତରେ ଏହି ସ୍ଥିତି ଭୟଙ୍କର ରୂପ ନେବ। ହେଲେ ରାଜ୍ୟ ସରକାର, ଭୁବନେଶ୍ୱର ମହାନଗର ନିଗମ କିମ୍ବା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ରାସ୍ତାକଡ଼ କାର୍ ପାର୍କିଂ ଉପରେ ସେଭଳି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏପରିକି ବେଲଗାମ୍ କାର୍ କିଣା ଉପରେ ନିୟନ୍ତ୍ରଣ ଲଗାଇବାକୁ ନୀତି ପ୍ରଣୟନ ବି କରୁନାହାନ୍ତି।

ସହରାଞ୍ଚଳ ପ୍ରଶାସନ ବିଡିଏ ଓ ବିଏମ୍‌ସି ଅଞ୍ଚଳରେ ଗୃହ ନିର୍ମାଣ କଲାବେଳେ ପ୍ଲାନ୍ ଆପ୍ରୁଭାଲ୍ ନେବାକୁ ପଡ଼ିଥାଏ। ଏଥିରେ ପାର୍କିଂ ପାଇଁ ସ୍ଥାନ ଛାଡ଼ିବା ବାଧ୍ୟତାମୂଳକ କରାଯାଇଛି। ହେଲେ ଲୋକେ ପ୍ଲାନ୍ ଆପ୍ରୁଭାଲ୍ ନେଲାବେଳେ ସବୁଥିରେ ରାଜି ହୋଇଯାଉଛନ୍ତି। ପାର୍କିଂ ନିର୍ମାଣ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଉଛନ୍ତି। ନିର୍ମାଣ କଲାବେଳେ ପ୍ଲାନ୍ ବଦଳାଇ ପାର୍କିଂ ପାଇଁ ଜାଗା ଛାଡୁ ନାହାନ୍ତି। ନିର୍ମାଣବେଳେ ପାର୍କିଂ ସ୍ଥାନ ଛାଡୁନାହାନ୍ତି ବୋଲି କାଳେ ପ୍ରଶାସନ ଜାଣିନେବ ସେଥିପାଇଁ ଅକ୍ୟୁପାନ୍ସି ସାର୍ଟିଫିକେଟ୍ ବି ନେଉନାହାନ୍ତି। ଏଥିରେ ପ୍ରଶାସନ ମଧ୍ୟ ଚୁପ୍ ରହୁଛି। ଏଭଳି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। କାଗଜପତ୍ରରେ ନିୟମ ସୀମିତ ରହିଛି।

## ଅଟକିଲା ପୁରୀ ବାଇପାସ୍; ଅସହାୟ ଟ୍ରାଫିକ୍ ପୁଲିସ



ଭୁବନେଶ୍ୱର,୧୯।୧(ସମିସ): ରବିବାର ପୁରୀ ବାଇପାସ୍‌ରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ଜାତୀୟ ରାଜପଥ ପୂରା ଜାମ୍ ହୋଇଯାଇଥିଲା। ମାଳମାଳ ଗାଡ଼ି ପଛକୁ ପଛ ରାସ୍ତାରେ ଅଟକି ରହିଥିବାବେଳେ ଲୋକମାନେ ଯନ୍ତ୍ରଣା ଭୋଗିଥିଲେ। ଖବର ପାଇ ପିସିଆର୍ ଭ୍ୟାନ୍ ଆସିଥିଲେ ମଧ୍ୟ ଟ୍ରାଫିକ୍ ପୁଲିସଙ୍କର ଦେଖାମିଳି ନ ଥିଲା। ଅନେକ ସମୟ ପରେ ଟ୍ରାଫିକ୍ ଅଧିକାରୀ ଓ କର୍ମଚାରୀ ପହଞ୍ଚିଥିଲେ। ହେଲେ ଯଥା ପୂର୍ବଂ ତଥା ପରଂ ଭଳି ସ୍ଥିତି ଲାଗି ରହିଥିଲା। ଜାତୀୟ ରାଜପଥରେ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ଟ୍ରାଫିକ୍ ପୁଲିସ ମଧ୍ୟ ଏକପ୍ରକାର ଅସହାୟ ହୋଇ ପଡ଼ିଥିଲା। ବିବାହ ଲଗ୍ନ ଥିବାରୁ ଏକାଧିକ ମଣ୍ଡପରେ ବାହାଘର ଥିଲା। ଫଳରେ ସନ୍ଧ୍ୟାରୁ ଆରମ୍ଭ ହୋଇଥିଲା ଶୋଭାଯାତ୍ରା। ଏହାଦ୍ୱାରା ଶହଶହ ସଂଖ୍ୟାରେ ଗାଡ଼ି ରାସ୍ତାରେ ଅଟକି ରହିଥିଲେ। ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଲୋକମାନେ ମଧ୍ୟ ଫେରିବା ନେଇ ସମସ୍ୟାରେ ପଡ଼ିଥିଲେ। ଅନେକ ଲୋକ ଗଳିକନ୍ଦିରେ ଯିବାକୁ ବାଧ୍ୟ ହୋଇଥିଲେ। ବାଇପାସ୍ ରାସ୍ତା ଏକାଧିକ ଥାନା ଅଞ୍ଚଳରେ ଆସୁଥିବାରୁ ଅନେକ ସମୟରେ ସୀମା ବିବାଦ ମଧ୍ୟ ଦେଖାଦେଉଛି। ସ୍ଥାନୀୟ ଲୋକ ଏନେଇ ପୁଲିସକୁ ଖବର ଦେଲେ ଏହି ଅଞ୍ଚଳ ଆମର ନୁହେଁ ବୋଲି କହି ପୁଲିସ ଏଡ଼ାଇ ଯାଉଛନ୍ତି। ଅଭିଯୋଗ ପରେ ପିସିଆର୍ ଭ୍ୟାନ୍ ଆସୁଛି, ହେଲେ ଭ୍ୟାନ୍ ଗଲା ପରେ ଶୋଭାଯାତ୍ରା ପୁଣି ଥରେ ଆରମ୍ଭ ହୋଇଯାଉଛି।

# ବିକାଶ ଆବାସିକ ବିଦ୍ୟାଳୟରେ ଗଣେଶ ଓ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା



ଭୁବନେଶ୍ୱର,୧୯।୧(ସମିସ): ବିକାଶ ଆବାସିକ ବିଦ୍ୟାଳୟ ଓ ବିକାଶ ଗ୍ଲୋବାଲ ବିଦ୍ୟାଳୟ ପକ୍ଷରୁ ବିକାଶ ଆବାସିକ ବିଦ୍ୟାଳୟରେ ଅଗ୍ରପୂଜ୍ୟ ଗଣେଶ ଓ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଛି। ଲକ୍ଷେ ଦୀପ ଜାଳି ଗଣେଶ ଓ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଅଙ୍କାଯାଇଛି। ଛାତ୍ରଛାତ୍ରୀମାନେ ନାମ ସଙ୍କୀର୍ତ୍ତନ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଭି. ଶ୍ରୀନିବାସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିନ୍ ପୀତାମ୍ବର ଦାସ, ଡିନ୍ ଆଲାପତି ଦିଲ୍ଲୀପ କୁମାର, ସଂଯୋଜକ ଭି. ରବୀନ୍ଦ୍ରନାଥ, ବିକାଶ ଗ୍ଲୋବାଲ୍ ବିଦ୍ୟାଳୟ ଖଣ୍ଡଗିରିର ଅଧ୍ୟକ୍ଷା ବିଜୟାଲକ୍ଷ୍ମୀ ଦାସ, ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଆର୍ ବିଜୟ କୁମାର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ଦାସ, ଶିକ୍ଷକଶିକ୍ଷୟିତ୍ରୀ ଓ ବିକାଶର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମହିଳାଙ୍କଠୁ ସୁନାଚେନ୍ ଲୁଟ୍ ଅଭିଯୋଗ

ନନ୍ଦନକାନନ,୧୯।୧(ସମିସ): ନନ୍ଦନକାନନରେ କଲରାପତରିଆ ବାଘ ଖୁଆଡ଼ ପାଖରେ ବୁଲୁଥିବାବେଳେ ଜଣେ ମହିଳାଙ୍କ ସୁନାଚେନ୍ ଲୁଟ୍ ହୋଇଥିବା ନେଇ ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ବାଲେଶ୍ୱର ଉଦଳା ଅଞ୍ଚଳରୁ ପରିବାର ସହ ଗୀତାରାଣି ନାମକ ଜଣେ ମହିଳା ନନ୍ଦନକାନନ ବୁଲିବାକୁ ଆସିଥିଲେ। କଲରାପତରିଆ ବାଘ ଖୁଆଡ଼ ପାଖରେ କିଏ ତାଙ୍କ ବେକରୁ ସୁନାଚେନ୍ ଲୁଟି ନେଲା ବୋଲି ଅଭିଯୋଗ କରିଥିବା ଥାନା ଅଧିକାରୀଙ୍କଠାରୁ ଜାଣିବାକୁ ମିଳିଛି।

### ■ ଚୋର ଧରିବାକୁ ଯାଇ ପୁଲିସ ମାଡ଼ ଖାଇବା ଘଟଣା

# ୩ ଗିରଫ; ସହଯୋଗୀଙ୍କୁ ଧରିବା ପାଇଁ ଚଢ଼ଉ ଜାରି

ଭୁବନେଶ୍ୱର,୧୯।୧(ସମିସ): ବାଇକ୍ ଚୋରକୁ ଧରିବାକୁ ଯାଇ ପୁଲିସ ମାଡ଼ ଖାଇବା ଘଟଣାରେ ମଞ୍ଚେଶ୍ୱର ଥାନା ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ୩ ଜଣ ହେଲେ ସତ୍ୟ ବିହାରର ନିମାଇଁ ଚରଣ ସାହୁ ଓରଫ ଟୁଲୁ, ଦେବେନ୍ଦ୍ର ସାହୁ ଓରଫ ଦେବା ଏବଂ ପ୍ରଶାନ୍ତ ବାରିକ। ଏହି ମାମଲାରେ ଦୁଇ ମୁଖ୍ୟ କାର୍ପଟ୍‌ଦାର ଫେରାର୍ ଥିବାରୁ ସେମାନଙ୍କୁ ଧରିବାକୁ ପୁଲିସ ଚଢ଼ଉ ଜୋର୍‌ଦାର୍ କରୁଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସାମ୍ବାଦିକ ସୁନିଲ କୁମାର ନାୟକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

ସୂଚନାଯୋଗ୍ୟ ଯେ, ଶନିବାର ରାତିରେ ମଞ୍ଚେଶ୍ୱର ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ପାଟ୍ରୋଲିଂ ଟିମ୍ ନିଜ ଅଞ୍ଚଳରେ ପାଟ୍ରୋଲିଂ ଡ୍ୟୁଟି ସମ୍ପାଦନ କରୁଥିଲେ। ଏହି ସମୟରେ ମୋଟର ସାଇକଲ ଚୋରିରେ ସାମିଲ୍ ଥିବା କିଛି ଦୁର୍ବୃତ୍ତ ସତ୍ୟବିହାର ଅଞ୍ଚଳରେ ରହୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଘଟଣାର ସତ୍ୟାସତ୍ୟ

### ସାମ୍ବାଦିକ, କ୍ୟାମେରାମ୍ୟାନ୍‌ଙ୍କୁ ଆକ୍ରମଣ କରିଥିଲେ

ଜାଣିବା ପାଇଁ ପାଟ୍ରୋଲିଂ ଟିମ୍ ସତ୍ୟବିହାର ଅଞ୍ଚଳକୁ ଯାଇଥିବାବେଳେ ଗୋଟିଏ ଘର ସମ୍ମୁଖରେ ଜଣେ ଯୁବକ ଛିଡ଼ା ହୋଇଥିଲେ। ଉକ୍ତ ଘର ଭିତରୁ କୋଳାହଳ ଶୁଭୁଥିବା ଦେଖିବାକୁ ପାଇଥିଲେ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ସମ୍ପର୍କରେ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରିବା ସମୟରେ ଘର ଭିତରୁ ନିମ୍ନୋକ୍ତ ତିନି ଅଭିଯୁକ୍ତ ଏବଂ ତାଙ୍କର ଅନ୍ୟ କିଛି ସହଯୋଗୀମାନେ ସେଠାକୁ ଆସି ପୁଲିସ କର୍ମଚାରୀଙ୍କୁ ହଠାତ୍ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପୁଲିସ ସେମାନଙ୍କୁ ବିରୋଧ କରିବାରୁ ପୁଲିସକୁ ସେମାନେ ନାନା ପ୍ରକାର ଧମକଚମକ ଦେଇଥିଲେ। ପରେ ପୁଲିସ ସେମାନଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ପୁଲିସକୁ ମାଡ଼ମାରି ଏକ ଘର ଭିତରେ ବନ୍ଦ କରି ଦେଇଥିଲେ। ଏହି ସମୟରେ ଖବର ପ୍ରସାର ଲାଗି ସେଠାରେ ଉପସ୍ଥିତ ଥିବା ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମର ସାମ୍ବାଦିକ ସୁନିଲ କୁମାର ନାୟକ ଏବଂ କ୍ୟାମେରାମ୍ୟାନ୍ ପବିତ୍ର କୁମାର ଗୋଛାୟତଙ୍କୁ ଅଭିଯୁକ୍ତମାନେ ଆକ୍ରମଣ କରିବା ସହିତ ବୁମ୍ ଏବଂ କ୍ୟାମେରାକୁ ଭଙ୍ଗାରୁଜା କରିଥିଲେ। ପୁଲିସ ଉକ୍ତ ମାମଲାର ତଦନ୍ତ କରିବା ସହିତ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଏହି ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତମାନେ ନିଜର ଦୋଷ ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପାଇଁ ପୁଲିସ ଆବେଦନ କରିଥିବା ପୁଲିସ କହିଛି।

## ଅଟକିଛି କଏଦୀଙ୍କ ଖାଦ୍ୟ ଭତ୍ତା ପ୍ରସ୍ତାବ / ୱାର୍ଡରଙ୍କ ଖାଦ୍ୟ ଭତ୍ତା ୧୨୦% ବୃଦ୍ଧି

ଭୁବନେଶ୍ୱର,୧୯।୧(ସମିସ):

ରାଜ୍ୟରେ ବିଭିନ୍ନ ଜେଲ୍‌ରେ ଥିବା କଏଦୀମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ଜେଲ୍‌ରୁ ଜାମିନରେ ଆସୁଥିବା କଏଦୀମାନେ ଏଭଳି ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ କରିଛନ୍ତି। ଜେଲ୍ ଖାଦ୍ୟରେ ହାତମାରି ହେବନାହିଁ ବୋଲି ସେମାନେ କହୁଛନ୍ତି। ଯାହା ପାଖରେ ଟଙ୍କା ଅଛି, ସେ ଜେଲ୍ ଭିତରେ ଟଙ୍କା ଦେଇ ମାଂସ, ଅଣ୍ଡା, ମଟନ୍ ଖାଇପାରିବ। ଯେଉଁ ଗରିବ କଏଦୀଙ୍କ ନିକଟରେ ଟଙ୍କା ନାହିଁ, ସେମାନଙ୍କୁ କେବଳ ପାଣିଆ ଡାଲି, ଦରସିଝା ତରକାରି ଆଦି ମିଳିବ। ବହୁଦିନ ଜେଲ୍‌ରେ ଜଣେ ଗରିବ କଏଦୀ ରହିଲେ ସେ ରୋଗରେ ପଡ଼ି ମରିଯିବ ବୋଲି ଜାମିନରେ ଆସିଥିବା କଏଦୀ କହୁଛନ୍ତି। ଅନ୍ୟପଟରେ ଜେଲ୍ କର୍ତ୍ତୃପକ୍ଷଙ୍କୁ ପଚାରିଲେ ସେମାନେ ଭିନ୍ନ ଉତ୍ତର ଦେଉଛନ୍ତି। କଏଦୀ ପିଛା ପ୍ରତିଦିନ ତିନିଓଳି ଖାଇବା ବାବଦରେ ୮୪ ଟଙ୍କା ମିଳୁଛି। ବର୍ତ୍ତମାନର ମହଙ୍ଗା ସମୟରେ ୮୪ ଟଙ୍କାରେ ୩ ଓଳି ଖାଇବା ସମ୍ଭବ ହେଉନି। ଯେଉଁଥିପାଇଁ ଜେଲ୍ ବିଭାଗ ଦୈନିକ ଖାଦ୍ୟ ଦର ୧୨୦ ଟଙ୍କା କରିବାକୁ ଗୃହ ବିଭାଗକୁ ପ୍ରସ୍ତାବ ଦେଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରିନି। ଯାହାର ପ୍ରଭାବ କଏଦୀଙ୍କ ଉପରେ ପଡୁଛି। ସେପଟେ କିନ୍ତୁ ଜେଲ୍ ବିଭାଗ ନିଜ ୱାର୍ଡରଙ୍କ ପାଇଁ ଆସୁଥିବା ଖାଦ୍ୟ ଭତ୍ତାକୁ ବଢ଼ାଇଛି। ୱାର୍ଡ ପିଛା ମାସକୁ ୪୦୦ ପରିବର୍ତ୍ତେ ୯୦୦ ଟଙ୍କା ହୋଇଛି; କିନ୍ତୁ ସଜା ଭୋଗୁଥିବା କଏଦୀଙ୍କ କଥା କେହି ବୁଝୁ ନ ଥିବା ଅଭିଯୋଗ ହେଉଛି। ଆହୁରି ମଧ୍ୟ ନିମ୍ନମାନର ଖାଦ୍ୟ ଦିଆଯିବା ପଛରେ ଜେଲ୍ ସର୍ଦ୍ଦାରଙ୍କ ହାତ ରହିଛି। କାରଣ ସେମାନେ ରୋଷେଇ ଏବଂ ଅନ୍ୟ କାର୍ଯ୍ୟ ବୁଝୁଥିବାରୁ ଟଙ୍କାକୁ ହରିଲୁଟ୍ କରୁଛନ୍ତି। ରୋଷେଇ ପାଇଁ ଆସୁଥିବା ଅର୍ଥକୁ ସେ ବାଟମାରଣା କରୁଛନ୍ତି। ଯେତିକି ଡାଲି ଏବଂ ଯେତିକି ପରିବା ଆସିବା କଥା ତାହା ଆଣୁନାହାନ୍ତି। ବରଂ ଅଧା ଆଣି ସେଥିରେ କାମ ଚଳାଉଛନ୍ତି। ଯେଉଁଥିପାଇଁ ପାଣିଆ ଡାଲିକୁ ଦରସିଝା ତରକାରି ଖାଇବାକୁ ପଡୁଥିବା ଜେଲ୍‌ରୁ ଫେରିଥିବା କଏଦୀମାନେ କହିଛନ୍ତି।

### ପାଣିଆ ଡାଲି, ତରକାରିରୁ ଆଳୁ ଉଭାନ୍

### କଏଦୀଙ୍କୁ ମିଳୁଛି ୮୪ ଟଙ୍କା; ୱାର୍ଡରଙ୍କୁ ମିଳୁଛି ୯୦୦

### ଜେଲ୍ ସର୍ଦ୍ଦାର ଅଧାରୁ ଅଧିକ ବାଟମାରଣା କରୁଥିବା ଅଭିଯୋଗ



### ଜେଲ୍ କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି ମାର୍କେଟ୍ ଦର

ତଥ୍ୟ ଅନୁସାରେ, ୨୦୨୧ ଅଗଷ୍ଟ ମାସରେ ଗ୍ରାହକ ମୂଲ୍ୟ ସୂଚକା ୧୬୨.୭ ଥିବାବେଳେ ୨୦୨୪ ମେ' ମାସରେ ତାହା ୧୯୨.୬କୁ ବୃଦ୍ଧି ପାଇଛି। ବର୍ତ୍ତମାନ ବଜାର ହାରକୁ ଦୃଷ୍ଟିରେ ରଖି ବାର୍ଷିକ ୨୦.୪୨ କୋଟି ଟଙ୍କା ଖର୍ଚ୍ଚ ହେଉଛି। ୨୦୨୧ରେ ୧୯ ହଜାର ୩୭୪ କଏଦୀ ବିଭିନ୍ନ ଜେଲ୍‌ରେ ଥିବାବେଳେ ସେମାନଙ୍କ ପାଇଁ ୫୬.୫୭ କୋଟି ଟଙ୍କା ଖାଦ୍ୟ ପାଇଁ ଖର୍ଚ୍ଚ ହେଉଥିଲା। କିନ୍ତୁ ୨୦୨୪ ଜୁନ୍ ୩୦ରେ କଏଦୀ ସଂଖ୍ୟା ୧୭ ହଜାର ୫୮୦କୁ ହ୍ରାସ ପାଇଛି। ଯଦି ଏହି ଖାଦ୍ୟପେୟ ବାବଦକୁ ୮୪ରୁ ୧୨୦ ବୃଦ୍ଧି କରାଯାଏ, ତେବେ ୭୭ କୋଟି ଟଙ୍କା ଖର୍ଚ୍ଚ ଆବଶ୍ୟକ ହେବ। ତେଣୁ ଏହି ବଜେଟ୍‌କୁ ହିସାବକୁ ନେଇ ବୃଦ୍ଧି କରିବାକୁ ଜେଲ୍ ବିଭାଗ ଚିଠି ଲେଖିଥିଲା।

### ଏନ୍‌ଏଚ୍‌ଆର୍‌ସିଙ୍କ କଥା ମାନୁନାହାନ୍ତି

ଜାତୀୟ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶକୁ ଫୁତ୍ କରି ଦେଇଛନ୍ତି ଜେଲ୍ କର୍ତ୍ତୃପକ୍ଷ। ଜେଲ୍‌ରେ ରହୁଥିବା କଏଦୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବାକୁ କୁହାଯାଇଛି। ଏପରିକି ନିକଟରେ ଓଏଚ୍‌ଆର୍‌ସି, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏବଂ ବୋର୍ଡ ଅଫ୍ ଭିଜିଲାନ୍ସ ସଦସ୍ୟମାନେ ମଧ୍ୟ ଜେଲ୍ ପରିଦର୍ଶନ ସମୟରେ ଖାଦ୍ୟର ଗୁଣବତ୍ତା ଯାଞ୍ଚ କରି ଦିଆଯାଉଥିବା ଖାଦ୍ୟ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଜେଲ୍‌ରେ ଯେଉଁଭଳି ଖାଦ୍ୟ ଦିଆଯାଉଛି ତାହା ପଶୁ ଖାଇବା ପାଇଁ ଉପଯୁକ୍ତ ନୁହେଁ ବୋଲି କୁହାଯାଇଥିଲା। ଏହି ବ୍ୟବସ୍ଥାକୁ ସୁଧାରିବାକୁ ମଧ୍ୟ କୁହାଯାଇଥିଲା। କଏଦୀମାନେ ଖାଉଥିବା ଖାଦ୍ୟର ଗୁଣବତ୍ତା ମାପିବାକୁ ୨୦୨୦ରେ ଓଏଚ୍‌ଆର୍‌ସି କହିଥିଲେ। ରାତ୍ରୀଭୋଜନ ଏବଂ ସକାଳ ଜଳଖିଆ ମଧ୍ୟରେ ବ୍ୟବଧାନକୁ ହ୍ରାସ କରିବା ପାଇଁ ରାତିରେ ଦୁଇ ଖଣ୍ଡ ବିସ୍କୁଟ୍ ଏବଂ କ୍ଷୀର ବିସ୍କୁଟ ଦେବାକୁ ଓଏଚ୍‌ଆର୍‌ସି ପରାମର୍ଶ ଦେଇଥିଲେ। ଏସବୁ ନିର୍ଦ୍ଦେଶ ସତ୍ତ୍ୱେ ତାହା ପାଳନ କରାଯାଉନି। ଶେଷରେ ଦରଦାମ୍ ବୃଦ୍ଧି ହେତୁ ଜେଲ୍ କର୍ତ୍ତୃପକ୍ଷଙ୍କ ହାତରୁ ଅର୍ଥ ପଳାଇ ଯାଉଛି। ତେଣୁ ସେମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି କିଭଳି କଏଦୀଙ୍କ ଭୋକ ମେଣ୍ଟାଇବେ।

## ଦୁର୍ଘଟଣାରେ ଦୁଇ ଭାଇଙ୍କ ମୃତ୍ୟୁ ଘଟଣା; କାର୍‌ଚାଳକ ଗିରଫ

ଭୁବନେଶ୍ୱର,୧୯।୧(ସମିସ): ଦୁର୍ଘଟଣାରେ ଦୁଇ ଭାଇଙ୍କ ମୃତ୍ୟୁ ଘଟଣାରେ କାର୍‌ଚାଳକକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରଘୁନାଥପୁର ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗଳାଯୋଡ଼ିର ଲଲାଟେନ୍ଦୁ ବାରିକ (୪୦)।



ଶନିବାର ଅପରାହ୍ଣରେ ଅବସରପ୍ରାପ୍ତ ଇନ୍ସପେକ୍ଟର ରବି ଚନ୍ଦ୍ର ନାୟକ ଓ ଗୌରଚରଣ ନାୟକ ବାଇକ୍‌ରେ ଗୋପବନ୍ଧୁ ଛକରୁ ରାଜଭବନ ଅଭିମୁଖେ ଯାଉଥିଲେ। ସେମାନେ ରାଜଭବନ ଗୋଲେଇ ଛକ ଅତିକ୍ରମ କରୁଥିବା ସମୟରେ କାର୍‌ଚାଳକ ଲଲାଟେନ୍ଦୁ ପାୱାର୍ ହାଉସ୍ ଛକ ପଟରୁ ଦ୍ରୁତଗତିରେ ଆସି ଉଭୟଙ୍କୁ ଧକ୍କା ଦେଇଥିଲେ। ଦୁଇ ଭାଇ ଭାରସାମ୍ୟ ହରାଇ ତଳେ ପଡ଼ିଯିବା ପରେ ଗୌରଚରଣଙ୍କ ଉପରେ କାର୍‌ଟି ଚଢ଼ି ଯାଇଥିଲା। ଫଳରେ ଉଭୟ ଘଟଣାସ୍ଥଳରେ ଗୁରୁତର ଆହତ ହୋଇଥିବାବେଳେ ଅନ୍ୟ ଜଣେ ବାଇକ୍ ଚାଳକ ଦୀନବନ୍ଧୁ ସାମନ୍ତରାୟ ମଧ୍ୟ ଗୁରୁତର ହୋଇଥିଲେ। ଖବର ପାଇ କ୍ୟାପିଟାଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ଡାକ୍ତର ସେଠାରେ ପ୍ରଥମେ ଗୌରଚରଣଙ୍କୁ ମୃତ ଘୋଷଣା କରିଥିବାବେଳେ ରବିଚନ୍ଦ୍ରଙ୍କର ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଆହତ ଦୀନବନ୍ଧୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ରବିଚନ୍ଦ୍ରଙ୍କ ପୁଅ ଅନିଲ ନାୟକ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିଥିଲା। ଦୁଇଟି ବାଇକ୍ ସମେତ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିଥିଲା। ରବିବାର କାର୍‌ଚାଳକ ଲଲାଟେନ୍ଦୁକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।



# ଭୁବନେଶ୍ୱର ସିଟି

## ସୋଆ ସିଇସିର ନିର୍ଦ୍ଦେଶକ ଜାତୀୟସ୍ତରରେ ସମ୍ମାନିତ

ଭୁବନେଶ୍ୱର, ୧୯।୧(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି)ର ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁଙ୍କୁ ବୁଧବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୱାର୍ଲ୍ଡ କଂଗ୍ରେସ ଅନ୍ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ-ଡିଜାଷ୍ଟର ରିସ୍କ ରିଡକ୍ସନ୍ (ଡବ୍ଲ୍ୟୁସିଡିଏମ୍-ଡିଆର୍‌ଆର୍) ଅବସରରେ ସମ୍ମାନିତ କରାଯାଇଛି। ପୂର୍ବରୁ ଭୁବନେଶ୍ୱର ଭାରତୀୟ ପାଣିପାଗ ବିଭାଗରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିବା ଡ. ସାହୁ ଏହି ସମ୍ମାନ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋୟଲଙ୍କଠାରୁ ଗ୍ରହଣ କରିଥିଲେ। ବିପର୍ଯ୍ୟୟ ପ୍ରସ୍ତୁତି ବର୍ଗରେ ଡ. ସାହୁଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜାମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟ ବିଚାରପତି ଏମ୍.ଏମ୍. କୁମାର ଓ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଇନିସିଏଟିଭ୍‌ସ ଆଣ୍ଡ କଞ୍ଜର୍ଭେନ୍ସ ସୋସାଇଟି ୱାର୍ଲ୍ଡ କଂଗ୍ରେସ ଅନ୍ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟର ସଭାପତି ତଥା ଆବାହକ ଡ. ଏସ୍. ଆନନ୍ଦ ବାବୁ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା

ଭୁବନେଶ୍ୱର, ୧୯।୧(ସମିସ): ସାମାଜିକ ଅନୁଷ୍ଠାନ ହେଲ୍ମେଟ୍ ଓ ରିଲାଏନ୍ସ ମଲ୍ ପକ୍ଷରୁ ୩ଦିନ ଧରି ବିଭିନ୍ନ ଟ୍ରାଫିକ୍ ଛକରେ ସଡ଼କ ସୁରକ୍ଷା ସଚେତନତା କରାଯାଉଛି। ସକାଳ ୭ଟାରୁ ସାଢ଼େ ୮ଟା ଯାଏଁ ସଡ଼କ ସୁରକ୍ଷା ଉପରେ ସଚେତନ କରାଯାଉଛି। ବିଶେଷକରି ଏହି ସମୟରେ ଟ୍ରାଫିକ୍ କର୍ମକର୍ତ୍ତା ନାହାନ୍ତି ଭାବି ଅଧିକାଂଶ ଚାଳକ ମୋବାଇଲ୍ ବ୍ୟବହାର କରିବା ସହ ହେଲ୍‌ମେଟ୍ ନ ପିନ୍ଧି ଦ୍ରୁତଗତିରେ ଗାଡ଼ିଚାଳନା କରିଥା'ନ୍ତି। ତେଣୁ ଏହି ସମୟରେ ସଚେତନତା କରାଯାଇ ଯେଉଁମାନେ ଟ୍ରାଫିକ୍ ନିୟମକୁ ନ ମାନି ଗାଡ଼ିଚାଳନା କରୁଛନ୍ତି ସେମାନଙ୍କ ହାତରେ ଟ୍ରାଫିକ୍ ନିୟମର ସମ୍ପୂର୍ଣ୍ଣ ତଥ୍ୟ ଥିବା ଏକ ଲିଫ୍‌ଲେଟ୍ ଦେଇ ଟ୍ରାଫିକ୍ ନିୟମ ମାନିବା ନିମନ୍ତେ ଅନୁରୋଧ କରାଯାଇଛି। ଏତଦ୍‌ବ୍ୟତୀତ ବିଭିନ୍ନ ମଲ୍‌ଗୁଡ଼ିକରେ ଟ୍ରେନରଙ୍କ ଦ୍ୱାରା ସଡ଼କ ଦୁର୍ଘଟଣାର କାରଣ ଓ ନିରାକରଣ ଉପରେ ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ଦିଆଯାଇ ସଚେତନ ଓ ସତର୍କ କରାଯାଇଛି। ଏହି କାର୍ଯ୍ୟକ୍ରମରେ ହେଲ୍ମେଟ୍‌ର ସମ୍ପାଦିକା ନିବେଦିତା ଭଞ୍ଜ, ଉପସଭାପତି ନିହାରିକା ପଟ୍ଟନାୟକ, ଲିନା ମିଶ୍ର, ଡ. ସୁଶୀଲ କୁମାର ପଟ୍ଟନାୟକ, ମାନସ ଥାଟୋଇ ପ୍ରମୁଖ ଉପସ୍ଥିତ ଜନତାଙ୍କୁ ଦାୟିତ୍ୱବୋଧ ହେବା ସହ ନିଶା ସେବନରେ ନିବୃତ ରହି ଗାଡ଼ି ଚଳାଇବାକୁ ଅନୁରୋଧ କରିଛନ୍ତି।






### ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ବିଏମ୍‌ସିର ତୃତୀୟ ପଥ ଉତ୍ସବ ଶେଷ

## ଜଲ୍‌ୱା ଦେଖାଇଲେ ଅର୍ଚ୍ଚନା, ସୁଜ୍ଞାନୀ ଓ ରୁକ୍‌ସୁନା

ଭୁବନେଶ୍ୱର,୧୯।୧(ସମିସ):

ରଙ୍ଗାରଙ୍ଗ ପରିବେଶରେ ଶେଷ ହୋଇଛି ବିଏମ୍‌ସିର ତୃତୀୟ ପଥ ଉତ୍ସବ। ସକାଳ ୬ଟାରୁ ଲୋକାରଣ୍ୟ ହୋଇପଡ଼ିଥିଲା ଉତ୍ତର ଜୋନ୍‌ର ଇନ୍‌ଫୋସିଟି ଛକଠାରୁ ସିଲିକନ୍ କଲେଜ ଛକ ପର୍ଯ୍ୟନ୍ତ। ଚଳିତ ବର୍ଷର ତୃତୀୟ ପଥ ଉତ୍ସବକୁ ପୂରା ରଙ୍ଗୀନ କରିବା ପାଇଁ ବିଏମ୍‌ସି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏଥିରେ ପ୍ରାୟ ୨୦ ହଜାର ଲୋକଙ୍କର ସମାଗମ ହୋଇଥିଲା ବୋଲି ବିଏମ୍‌ସି ପକ୍ଷରୁ କୁହାଯାଉଛି। ଏହି ପଥ ଉତ୍ସବରେ ଜଲ୍‌ୱା ଦେଖାଇଥିଲେ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ, ରୁକ୍‌ସୁନା ଏବଂ ସୁଜ୍ଞାନୀ ମହାପାତ୍ର। ଇନ୍‌ଫୋସିଟି-ସିଲିକନ୍ ରାସ୍ତାରେ ପାଖାପାଖି ୧ କିଲୋମିଟର ବ୍ୟାପୀ ହୋଇଥିଲା ରଙ୍ଗମଞ୍ଚ। ସିଜଲର୍ସ ଡ୍ୟାନ୍ସ ଗ୍ରୁପ୍‌ର ଧମାକାଦାର ନୃତ୍ୟର ତାଳେ ତାଳେ ଝୁମିଥିଲେ ଦର୍ଶକ। ଏଥର ମୁଖ୍ୟ ଆକର୍ଷଣ ଥିଲେ ଡିଜେ ଭବେଶ କୁମାର। ମୁଖ୍ୟ ମଞ୍ଚରେ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ, ସୁଜ୍ଞାନୀ ମହାପାତ୍ରଙ୍କ ସହ ରୁକ୍‌ସୁନାଙ୍କ ସଙ୍ଗୀତରେ ହଜାର ହଜାର ଦର୍ଶକ ମସଗୁଲ୍ ହୋଇଉଠିଥିଲେ। ରଙ୍ଗବତୀ ଗୀତରେ ଉପସ୍ଥିତ ଦର୍ଶକଙ୍କ ସହ ଯୁବବର୍ଗଙ୍କ ନାଚରେ ଦୁଲୁକିଥିଲା ଇନ୍‌ଫୋସିଟି ଅଞ୍ଚଳ। କେବଳ ସଂଗୀତ ନୁହେଁ, ବହୁ ଚର୍ଚ୍ଚିତ ସିଜିଲର୍ସ ଡ୍ୟାନ୍ସ ଗ୍ରୁପ୍‌ର ଧମାକାଦାର ନୃତ୍ୟରେ ଝୁମିଥିଲେ ଦର୍ଶକ।

ରାସ୍ତାର ଉଭୟ ପାଶ୍ୱର୍ରେ ଚାଲିଥିଲା ରଙ୍ଗୋଲି, ଝୋଟି, ଫୋକ୍ ଡ୍ୟାନ୍ସ, ଯୋଗ, ସ୍କେଟିଂ, ପେଣ୍ଟିଂ, ଜୁମ୍ବା, ଫ୍ଲାସ୍ ମବ୍ ଇତ୍ୟାଦି କାର୍ଯ୍ୟକ୍ରମ। ଏହା ସହ ଛୋଟ ଛୋଟ ପିଲାମାନଙ୍କ ପାଇଁ ହୋଇଥିବା ଖେଳକୁଦର ଭରପୂର ମଜା ଉଠାଇଥିଲେ ଦର୍ଶକ। ସେହିପରି ଦ୍ୱିତୀୟ ମଞ୍ଚରେ ସଂଗୀତ ଓ ନୃତ୍ୟର ଧୁମ୍ ମଚାଇଥିଲେ କଳାକାରମାନେ। ଦେଖଣାହାରୀଙ୍କ ପାଇଁ ଥିବା ସମ୍ବଲପୁରୀ ବାଦ୍ୟଯନ୍ତ୍ରରେ ଯିଏ ଗଲା ସିଏ ନାଚିଲା। ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ। ଗତ ପଥ ଉତ୍ସବରେ ଏହାର ଆକର୍ଷଣ ସହ

### ସିଜିଲର୍ସ ଡ୍ୟାନ୍ସ ଗ୍ରୁପ୍‌ର ନୃତ୍ୟରେ ଝୁମିଲେ ଦର୍ଶକ

ପ୍ରତିଯୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ତେଣୁ ଏଥର ମଧ ଦୁଇ ଦୁଇଟା ଷ୍ଟେଜ୍ କରାଯାଇଥିଲା। ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ବିଏମ୍‌ସି ପକ୍ଷରୁ ଏପରି ଉଦ୍ୟମ କରାଯାଇ ଆସୁଛି। ଏହି ମଞ୍ଚରେ ପ୍ରତିଭାଧାରୀ ବ୍ୟକ୍ତିମାନେ ସଂଗୀତ, ନୃତ୍ୟ, ପପ୍, ଯୋଗାସନ, ବାଦ୍ୟଯନ୍ତ୍ର, କବିତା, ଗଳ୍ପ ଆଦି କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଭାଗ ନେଇଥିବା ପ୍ରତିଭାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶା ହେରିଟେଜ୍ କୁଇଜ୍ ପ୍ରତିଯୋଗିତା, ଫେଶନ ସୋ', ପରିମଳ ସଚେତନତା, ୱେଷ୍ଟ ଟୁ ଆର୍ଟ, ଫୋକ୍ ଓ ଡଲ୍ ଡ୍ୟାନ୍ସ, କ୍ୟୁବ୍, କିଡୋ କିଙ୍ଗଡମ୍, ଫେସ୍ ପେଣ୍ଟିଂ ଓ ବାସ୍କେଟ୍ ବଲ୍ ଆଦି ସମସ୍ତଙ୍କୁ ଭରପୂର



ମନୋରଞ୍ଜନର ଖୋରାକ ଯୋଗାଇଥିଲା। ସବୁଠାରୁ ଆକର୍ଷଣୀୟ ଥିଲା ଫୁଡ୍ ଫେଷ୍ଟିଭାଲ। ସାଧାରଣ ଲୋକେ ଶୀତୁଆ ସକାଳରେ ଶୀତଦିନିଆ ପିଠା, ମିଠା ସହ ଚଟ୍‌ପଟା ଖାଦ୍ୟର ମଜ୍ଜା ଉଠାଇଥିଲେ ଦେଖଣାହାରୀ। ପଥପ୍ରାନ୍ତ ନାଟକ, ପାରମ୍ପରିକ ଖେଳ ପୁଚି, ଗିଲିଦଣ୍ଡା, ବାଘ ଚାଲି, ରେଷ୍ଟ୍‌ଲିଂ, ୩୬୦ ଡିଗ୍ରୀ ଫଟୋ, ମ୍ୟାଜିକ୍ ସୋ', ଫଟୋଗ୍ରାଫି, ବେଲୁନ୍ ଆର୍ଟ, ପଟ୍ଟଚିତ୍ର, ଶାରୀରିକ ବ୍ୟାୟାମ ଆଦି ବହୁ ପ୍ରକାର ଖେଳକୁଦ, ନୃତ୍ୟ, ଗୀତରେ ପୂରା ବୁଡ଼ିରହିଥିଲେ ହଜାର ହଜାର ଅଂଶଗ୍ରହଣକାରୀ।

ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଏସ୍‌ବି ଆଇର ଚିଫ୍ ଜେନେରାଲ ମ୍ୟାନେଜର ଦୀନେଶ ପୃଥ୍ୱୀ, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଏବଂ ଉତ୍ତର ଜୋନ୍‌ର ସମସ୍ତ କର୍ପୋରେଟର, ଅତିରିକ୍ତ କମିସନର ଶୁଭେନ୍ଦୁ କୁମାର ସାହୁ, ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଗତ ଅଭିଭାଷଣ ଦେଇଥିଲେ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ କର୍ପୋରେଟର ମିହିର କୁମାର ରାଉତ। ଶେଷରେ ଗୀତ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ ୬ ନମ୍ବର ୱାର୍ଡର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ।

## କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ



ଭୁବନେଶ୍ୱର, ୧୯।୧(ସମିସ): କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟ ବକ୍ତା ଭାବେ ୬୦ ନମ୍ବର ୱାର୍ଡ଼ର କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ସମ୍ମାନିତ ଅତିଥି ଭାବେ ଆଲୁମ୍‌ନି ଆସୋସିଏସନ୍ ସଂପାଦକ ଅଜିତ କୁମାର ମହାପାତ୍ର, କପିଳପ୍ରସାଦ କ୍ଲଷ୍ଟର କୋଅର୍ଡିନେଟର ସୁବାସ ଚନ୍ଦ୍ର ଦାସ ଏବଂ ସ୍କୁଲ ମ୍ୟାନେଜମେଣ୍ଟ କମିଟି ଅଧ୍ୟକ୍ଷ ବିଜୟ କୁମାର ମୁଦୁଲି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ ସହ ସେମାନଙ୍କ ବୌଦ୍ଧିକ ବିକାଶ ଦିଗରେ କରାଯାଉଥିବା ବିବିଧ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଉପଲକ୍ଷେ ବରିଷ୍ଠ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପାତ୍ରିଙ୍କ ମଞ୍ଚ ପରିଚାଳନା ଏବଂ ଶିକ୍ଷୟିତ୍ରୀ ଶୁଭସ୍ମିତା ସାହୁ ଓ ଜ୍ୟୋତିର୍ମୟୀ ପ୍ରଧାନଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉତ୍ସବରେ ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

## ଆନ୍ତର୍ଜାତିକ ୱାକର୍ସ ଜିଲ୍ଲା ୧୦୪ର ଅଧୀସ୍ଥାପନ ଦିବସ

ଭୁବନେଶ୍ୱର,୧୯।୧(ସମିସ): ୱାକର୍ସ ଜିଲ୍ଲା ୧୦୪ର ୨୦୨୫ ପାଇଁ ଅଧୀସ୍ଥାପନ ଦିବସ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହାସହିତ ଜିଲ୍ଲା ୧୦୪ର ଜିଲ୍ଲାଧୀପତି ଭାବରେ ୱାକର ମୁକ୍ତିକାନ୍ତ ଅଗସ୍ତି ଶପଥ ଗ୍ରହଣ କରିଛନ୍ତି। ଆନ୍ତର୍ଜାତିକ ୱାକର୍ସ ସଭାପତି ଏମ୍ ପ୍ରଭାବତୀ ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟଅତିଥି ଭାବେ ମୁକ୍ତିକାନ୍ତ ଅଗସ୍ତି ଏବଂ ନୂତନ କ୍ୟାବିନେଟ୍ ସଦସ୍ୟ ତଥା ପଦାଧିକାରୀଙ୍କୁ ଶପଥପାଠ କରାଇଥିଲେ। ଏହି ସମାରୋହରେ ଆନ୍ତର୍ଜାତିକ ଯୁଗ୍ମ ସଚିବ ଜି.ଏସ୍.ଏନ୍ ମୂର୍ତ୍ତି, ଉପସଭାପତି ନଗେନ୍ଦ୍ର ରାଓ, ପୂର୍ବତନ ଜିଲ୍ଲାଧୀପତି ୱାକର କିଶୋର ପଣ୍ଡା, ସମ୍ମିଳନୀ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାରଣା, ପରିବେଶବିତ୍ ପ୍ରଫେସର ସୁନ୍ଦର ନାରାୟଣ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## ଶ୍ରୀ ବିନାୟକ କନ୍‌ସେପ୍ଟ ସ୍କୁଲ୍‌ରେ ୱିଜ୍‌ଡମ୍ ୨.୦ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୯।୧(ସମିସ): ନୟାପଲ୍ଲୀ ଶ୍ରୀ ବିନାୟକ କନ୍‌ସେପ୍ଟ ସ୍କୁଲ୍ ପରିସରରେ ରବିବାର ୱିଜ୍‌ଡମ୍ ୨.୦ ଶିକ୍ଷା ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପଦାର୍ଥ ବିଜ୍ଞାନ ଅଧ୍ୟାପକ ସଞ୍ଜୟ କୁମାର ରାଜ୍‌ଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଉଦ୍ଭିଦ ବିଜ୍ଞାନୀ ଗାୟତ୍ରୀ ମିଶ୍ର ରାଷ୍ଟ୍ରୀୟ ଶିକ୍ଷାନୀତିର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ସ୍କୁଲର ଅଧ୍ୟକ୍ଷ ଆଦିତ୍ୟ ପ୍ରସାଦ ନାୟକ ମେଧାବୀ ପିଲାଙ୍କୁ କିପରି ଉନ୍ନତ ଶିକ୍ଷା ପ୍ରଦାନ ଓ ପରୀକ୍ଷା ପ୍ରଣାଳୀ ଉପରେ ଦୃଷ୍ଟିପାତ କରିଥିଲେ। ଶେଷରେ ଅନୁଷ୍ଠାନର ଉପାଧ୍ୟକ୍ଷ ଡ. ପ୍ରତାପ ଚନ୍ଦ୍ର ବଡ଼ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଅଣଶିକ୍ଷାବିତ୍‌ଙ୍କୁ କୁଳପତି ଦାୟିତ୍ୱ

## ପ୍ରଭାବିତ ହେବ ବିଶ୍ୱବିଦ୍ୟାଳୟ ଶୈକ୍ଷିକ ପରିବେଶ

ଭୁବନେଶ୍ୱର,୧୯।୧(ସମିସ):

ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ନିୟମରେ ହେବ ପରିବର୍ତ୍ତନ। ଏଥିପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଚିଠା ମାର୍ଗଦର୍ଶିକା (ଡ୍ରାଫ୍ଟ ଗାଇଡ୍‌ଲାଇନ୍) ଜାରି କରାଯାଇଛି। ପୂର୍ବରୁ କୁଳପତି ଭାବେ ଶିକ୍ଷାବିତ୍‌ମାନେ ନିଯୁକ୍ତ ହେଉଥିଲେ। ନୂତନ ମାର୍ଗଦର୍ଶିକା ଅନୁଯାୟୀ, ପ୍ରଥମ ଥର ଶିଳ୍ପ କ୍ଷେତ୍ରର ବରିଷ୍ଠ ଅଧିକାରୀ, ସାଧାରଣ ପ୍ରଶାସନ ଓ ସରକାରୀ ଉଦ୍ୟୋଗ ପୃଷ୍ଠଭୂମି ଥିବା ଅଧିକରୀ ଅର୍ଥାତ୍ ଅଣଶିକ୍ଷାବିତ୍ ମଧ କୁଳପତି ହୋଇପାରିବେ। ସେହିପରି କୁଳପତିଙ୍କ କାର୍ଯ୍ୟକାଳକୁ ୩ରୁ ୫ ବର୍ଷକୁ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଯୁକ୍ତି ପାଇଁ ଗଠିତ ସର୍ଚ୍ଚ କମିଟିରେ ମଧ ପରିବର୍ତ୍ତନ ହେବ। ପୂର୍ବପରି ୩ ଜଣ ସଦସ୍ୟ ବିଶିଷ୍ଟ କମିଟି ହେବ। ପୂର୍ବରୁ ମୁଖ୍ୟ ସଚିବ ପାହ୍ୟାର ଜଣେ ଅଧିକାରୀ କମିଟିର ଅଧ୍ୟକ୍ଷ ରହୁଥିବାବେଳେ ନୂତନ ପ୍ରସ୍ତାବରେ ରାଜ୍ୟ ସରକାରଙ୍କ କୌଣସି ପ୍ରତିନିଧି କମିଟିରେ ରହିବେ ନାହିଁ। ବିଶ୍ୱବିଦ୍ୟାଳୟ କୁଳାଧିପତି ବା ରାଜ୍ୟପାଳଙ୍କ ମନୋନୀତ ପ୍ରତିନିଧି ଅଧ୍ୟକ୍ଷ ରହିବେ। ତାଙ୍କ ସହ ୟୁଜିସି ଅଧ୍ୟକ୍ଷଙ୍କ ଜଣେ ପ୍ରତିନିଧି ଓ ବିଶ୍ୱବିଦ୍ୟାଳୟ ଆପେକ୍ସ ବଡିର ଜଣେ କମିଟିର ସଦସ୍ୟ ହେବେ। ଏସବୁ ପରିବର୍ତ୍ତନକୁ ନେଇ ଶିକ୍ଷାବିତ୍‌ମାନେ ମିଶ୍ରପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ଅଣଶିକ୍ଷାବିତ୍‌ଙ୍କୁ କୁଳପତି ନିଯୁକ୍ତି କଲେ ଶୈକ୍ଷିକ ବାତାବରଣ ବ୍ୟାପକ ପ୍ରଭାବିତ ହେବ ବୋଲି ଅନେକ ଯୁକ୍ତି ରଖୁଥିବାବେଳେ ଆଉ କିଛି ଅଧିକ ଚିନ୍ତନର ଆବଶ୍ୟକତା ଥିବା ଦର୍ଶାଇ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ବିଭିନ୍ନ ପରିବର୍ତ୍ତନକୁ ନେଇ ଅଂଶୀଦାରଙ୍କଠାରୁ ୟୁଜିସି ମତାମତ ମଧ ଲୋଡ଼ିଛି। ଆସନ୍ତା ଫେବୃଆରୀ ୫ ତାରିଖ ମଧ୍ୟରେ ସେମାନେ ନିଜର ସୁଚିନ୍ତିତ ମତାମତ ଦେଇପାରିବେ। ସେସବୁକୁ ବିଚାର କରିବା ପରେ ଚୂଡ଼ାନ୍ତ ଆଇନ ପ୍ରସ୍ତୁତ କରିବ ୟୁଜିସି।

### ଅଣଶିକ୍ଷାବିତ୍ କୁଳପତି ନିଯୁକ୍ତି ପଶ୍ଚାଦ୍‌ଗାମୀ ପଦକ୍ଷେପ



ଅଣଶିକ୍ଷାବିତ୍‌ଙ୍କୁ କୁଳପତି ଭାବେ ନିଯୁକ୍ତି ଦେବାର ପ୍ରାବଧାନ ଏକ ପଶ୍ଚାଦ୍‌ଗାମୀ ପଦକ୍ଷେପ। ବିଶ୍ୱବିଦ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ ହେଲା ନୂତନ ଚିନ୍ତାଧାରାକୁ ବିକଶିତ କରିବା ବା ଗବେଷଣାକୁ ସୁଦୃଢ଼ କରିବା। ଏହା ସମ୍ପର୍କରେ ଶିଳ୍ପ, ସାଧାରଣ ପ୍ରଶାସନ ବା ସରକାରୀ ଉଦ୍ୟୋଗ ପୃଷ୍ଠଭୂମି ଥିବା ଅଧିକରୀମାନେ ବୁଝିପାରି ନ ଥା'ନ୍ତି। ପ୍ରାଧ୍ୟାପକଙ୍କୁ ସ୍ୱାଧୀନତା ସହ ସ୍ୱତନ୍ତ୍ରତା ମିଳିଲେ ଶିକ୍ଷାନୁଷ୍ଠାନର ସାମୂହିକ ବିକାଶ ହୋଇଥାଏ। ଶିକ୍ଷା କ୍ଷେତ୍ରରୁ ଆସୁଥିବା କୁଳପତିମାନେ ପ୍ରାଧ୍ୟାପକ ଓ କର୍ମଚାରୀଙ୍କ ଉପରେ ଆଧିପତ୍ୟ ବିସ୍ତାର କରି ନ ଥା'ନ୍ତି। ଅପରପକ୍ଷରେ ଆଧିପତ୍ୟ ବିସ୍ତାର କରିବା ହିଁ ଶିଳ୍ପ ଓ ଉଦ୍ୟୋଗ କ୍ଷେତ୍ରରୁ ଆସୁଥିବା ଅଧିକାରୀଙ୍କ ଲକ୍ଷଣ ହୋଇଥିବାରୁ ବିଶ୍ୱବିଦ୍ୟାଳୟର ମୂଳ ଲକ୍ଷ୍ୟକୁ ନଷ୍ଟ କରିବ। କୁଳପତିମାନଙ୍କଠାରେ ପ୍ରଶାସନିକ ଦକ୍ଷତା ନ ଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏହାର ସୁପରିଚାଳନାକୁ ଦୃଷ୍ଟିରେ ରଖି ୟୁଜିସି ଏପରି ପଦକ୍ଷେପ ନେଇଛି। ଏପରି କ୍ଷେତ୍ରରେ କୁଳପତିଙ୍କୁ ସ୍ୱଳ୍ପକାଳୀନ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଦିଆଗଲେ ପରିଚାଳନାରେ ଥିବା ଫାଙ୍କାକୁ ପୂରଣ କରାଯାଇପାରିବ। ପ୍ରଶାସନିକ ଓ ଅର୍ଥ ପରିଚାଳନା କ୍ଷେତ୍ରରେ ଦକ୍ଷ ହୋଇପାରିବେ। ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶ ମଧ ଅକ୍ଷୁଣ୍ଣ ରହିବ।

- ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ କୁଳପତି, ରେଭେନ୍ସା ବିଶ୍ୱବିଦ୍ୟାଳୟ

### ସଙ୍କୁଚିତ ହୋଇପାରେ ରାଜ୍ୟ ସରକାରଙ୍କ କ୍ଷମତା



ବିଶ୍ୱବିଦ୍ୟାଳୟ ପରିଚାଳନା ପାଇଁ ଶୈକ୍ଷିକ ପ୍ରଶାସନ ଅପରିହାର୍ଯ୍ୟ। ଜଣେ ଶିକ୍ଷାବିତ୍‌ଙ୍କ ପାଖରେ ଅଭିଜ୍ଞତା ଥିବାରୁ ସଠିକ୍ ଭାବେ ପରିଚାଳନା କରିପାରିବେ। ଅପରପକ୍ଷରେ ସାଧାରଣ ବା କର୍ପୋରେଟ୍ ପ୍ରଶାସନିକ ଅଧିକାରୀଙ୍କ ପାଖରେ ତାହା ପ୍ରତିଫଳିତ ହେବ ନାହିଁ। କାରଣ ସେମାନଙ୍କ ଗବେଷଣା ଓ ଶୈକ୍ଷିକ ଅଭିଜ୍ଞତା ବିଶେଷ ନାହିଁ। ଫଳରେ ଶିକ୍ଷା ଓ ଶିକ୍ଷାନୁଷ୍ଠାନ ପ୍ରଭାବିତ ହେବ। ଏଣୁ କୁଳପତି ଭାବେ କେବଳ ଶିକ୍ଷାବିତ୍‌ଙ୍କୁ ନିଯୁକ୍ତି ଦିଆଯାଉ। ସେହିପରି ସର୍ଚ୍ଚ କମିଟିରେ ପୂର୍ବରୁ ରାଜ୍ୟ ସରକାରଙ୍କ ପ୍ରତିନିଧି ଥିଲେ। ସମ୍ପ୍ରତି ଚିଠା ମାର୍ଗଦର୍ଶିକାରେ ଏହା ନ ଥିବାରୁ ରାଜ୍ୟ ସରକାରଙ୍କ କ୍ଷମତା ସଙ୍କୁଚିତ ହେବାର ଆଶଙ୍କା ରହିଛି।

- ଡ. ମାନସ ବେହେରା, ଶିକ୍ଷାବିତ୍

### 'ପରାମର୍ଶଦାତା ବୋର୍ଡ' କରି ଶିଳ୍ପ, ପ୍ରଶାସନ ଓ ଉଦ୍ୟୋଗୀଙ୍କୁ ଯୋଡ଼ାଯାଉ



ଉଚ୍ଚଶିକ୍ଷାର ଟିଚିଂ ଲର୍ଣ୍ଣିଂ, ନିଯୁକ୍ତି ଓ ଜୀବିକା ଏବଂ ବଗେଷଣା ପରି ତିନିଟି ଅଙ୍ଗ ରହିଛି। ଏହି ସମସ୍ତ ଦୃଷ୍ଟିକୋଣ ଥିବା ବ୍ୟକ୍ତି କୁଳପତି ହେଲେ ଶିକ୍ଷା ଓ ଶିକ୍ଷାନୁଷ୍ଠାନର ବିକାଶ କରିବ। ଶିକ୍ଷାବିତ୍‌ଙ୍କ ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଅଭିଜ୍ଞତା ଥିବାରୁ ସେମାନେ ହିଁ କୁଳପତି ହୁଅନ୍ତୁ। ଅଣଶିକ୍ଷାବିତ୍ କୁଳପତି ହେଲେ ବିଶ୍ୱବିଦ୍ୟାଳୟ ସୁପରିଚାଳନା କରିପାରିବେନି। ପାଠ ପଢ଼ିବା, ବୁଝିବା ଓ ତାକୁ ପ୍ରୟୋଗ କରିବା ଏବଂ ଗବେଷଣା କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ନ ଥିବାରୁ ଶୈକ୍ଷିକ ବାତାବରଣ ପ୍ରଭାବିତ ହେବ। ଶିକ୍ଷାର ମାନ ହ୍ରାସ ପାଇବ। ଜଣେ ଶିକ୍ଷାବିତ୍ ପରିଚାଳନା କ୍ଷେତ୍ରରେ ଝୁଣ୍ଟିବାର ଆଶଙ୍କା ରହିଛି। ଏଣୁ ଶିକ୍ଷା ଓ ପରିଚାଳନାକୁ ଗୁରୁତ୍ୱ ଦେଇ ଆଇଆଇଟି, ଏନ୍‌ଆଇଟି ଓ ଆଇଆଇଏମ୍ ପରି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଢାଞ୍ଚାରେ 'ପରାମର୍ଶଦାତା ବୋର୍ଡ' ଗଠନ କରାଯାଉ। ତହିଁରେ ଶିଳ୍ପ, ସାଧାରଣ ପ୍ରଶାସନ ଓ ସରକାରୀ ଉଦ୍ୟୋଗ ସହ ଜଡ଼ିତ ବ୍ୟକ୍ତିଙ୍କୁ ସାମିଲ୍ କରାଯାଉ। ସେମାନେ ବିଶ୍ୱବିଦ୍ୟାଳୟ ପରିଚାଳନା ସମେତ ନିଯୁକ୍ତି ଓ ଅନ୍ୟାନ୍ୟ ପ୍ରସଙ୍ଗରେ କୁଳପତିଙ୍କୁ ପରାମର୍ଶ ଦେଇପାରିବେ। ସେହିପରି ୫ ବର୍ଷିଆ କାର୍ଯ୍ୟକାଳ ସ୍ୱାଗତଯୋଗ୍ୟ। ପରିଚାଳନା ଓ ଅନ୍ୟାନ୍ୟ ପ୍ରସଙ୍ଗରେ କୁଳପତି ବିଫଳ ହେଲେ ତାଙ୍କୁ କାର୍ଯ୍ୟରୁ ଅନ୍ତର କରିବାର କ୍ଷମତା ମଧ କୁଳାଧିପତିଙ୍କର ରହିବା ଆବଶ୍ୟକ।

- ଅଶୋକ କୁମାର ଦାସ, ପୂର୍ବତନ କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ

## 'ଆଞ୍ଜେଲ'ର ଟିଜର୍ ଓ ମ୍ୟୁଜିକ୍ ରିଲିଜ୍



ଭୁବନେଶ୍ୱର,୧୯।୧(ସମିସ): ଜଣେ ସାହସୀ ପୁଲିସ ଅଧିକାରୀ ସୂର୍ଯ୍ୟକାନ୍ତ ସାମନ୍ତରାୟଙ୍କ ୮ ବର୍ଷର ଝିଅକୁ ତାଙ୍କ ବାସଭବନରୁ ଅପହରଣ କରାଯାଇଛି ଏବଂ ବିଭାଗର ଖ୍ୟାତିକୁ ବଞ୍ଚାଇ ରଖିବା ପାଇଁ ୨୪ଘଣ୍ଟା ମଧ୍ୟରେ ମାଷ୍ଟରମାଇଣ୍ଡକୁ ଧରିବା ପୁଲିସ ବିଭାଗ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଯାଇଛି। କିଏ କରିଛି ଏ ଅପହରଣ ଏବଂ କାହିଁକି କରିଛି? ସୂର୍ଯ୍ୟକାନ୍ତ ମାଷ୍ଟରମାଇଣ୍ଡକୁ ଧରିପାରିବେ ତ? ଏମିତି ଏକ ସସ୍‌ପେନ୍ସ ଥ୍ରୀଲର ଏବଂ ମର୍ମସ୍ପର୍ଶୀ ଆକ୍ସନ୍ ଓଡ଼ିଆ ସିନେମା 'ଆଞ୍ଜେଲ'ର ଟିଜର ଏବଂ ମ୍ୟୁଜିକ୍ ରିଲିଜ୍ ହୋଇଯାଇଛି। ଶୁଭମ୍ ସିନେ ପ୍ରଡକ୍ସନ ବ୍ୟାନର୍‌ରେ ନିର୍ମିତ ସଂଘମିତ୍ରା ବେହେରାଙ୍କ ପ୍ରଯୋଜିତ ଏହି ସିନେମା ଆସନ୍ତା ୩୧ ତାରିଖରେ ଶୁଭମୁକ୍ତି କରିବ। ମୁଖ୍ୟ ଅଭିନୟରେ ନାୟକ ପାର୍ଥସାରଥୀ ରାୟ, ନାୟିକା କାଭ୍ୟା କିରଣ ଏବଂ ପ୍ରସନଜିତ୍ ମହାପାତ୍ର ରହିଛନ୍ତି। ଅନ୍ୟାନ୍ୟ ଭୂମିକାରେ ଅମିତାଭ ପାତ୍ର, ଜିତେନ୍ଦ୍ରୀୟ ପ୍ରଧାନ, ସୃଜନ, ସୂର୍ଯ୍ୟକାନ୍ତ ଦଳେଇ, ଟୁକୁନ ଭଳି ଅନେକ କଳାକାର ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ନିର୍ଦ୍ଦେଶକ ଜିତେନ୍ଦ୍ରୀୟ ପ୍ରଧାନ ରହିଥିବାବେଳେ ଅଶେଷ ଦାସ ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱ ଗ୍ରହଣ କରିଛନ୍ତି।

## ୧୭୫ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା

ବାଲିପାଟଣା, ୧୯।୧(ସମିସ): ଛାତ୍ରଛାତ୍ରୀଙ୍କ ଚକ୍ଷୁଜନିତ ସମସ୍ୟାର ନିରାକରଣ ପାଇଁ ଓଡ଼ିଶା ସରକାରଙ୍କ ବୀରସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବନମାଳୀପୁର ସ୍ଥିତ କୁଶଭଦ୍ରା ହାଇସ୍କୁଲରେ ଦିନିକିଆ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୧୭୫ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ୯୩ ଜଣଙ୍କ ଚକ୍ଷୁ ସମସ୍ୟା ଥିବା ଜଣାପଡ଼ିଥିଲା। ୫ ଜଣଙ୍କ ଚକ୍ଷୁ ସମସ୍ୟା ଗୁରୁତର ଥିବା ଜଣାପଡ଼ିଛି। ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅପ୍‌ଥାଲ୍‌ମିକ୍ ଅଫିସର ଗୌତମ କୁମାର ଦାସ, ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅପ୍‌ଥାଲମିକ୍ ରାଜେନ୍ଦ୍ର ମହାରାଜା, ଆଇଡିସି ପୁଷ୍ପମିତ୍ର ମିଶ୍ର, ବିଆର୍‌ସି ମଞ୍ଜୁଲତା ରାଉତ, ବିଆର୍‌ସି ସକମ୍ବାରି ପଣ୍ଡା, ପ୍ରସନ୍ନ ପଟ୍ଟନାୟକ ଓ ପ୍ରଧାନଶିକ୍ଷକ ରଘୁନାଥ ଲେଙ୍କା ପରିଚାଳନା କରିଥିଲେ।

# ଭୁବନେଶ୍ୱର ସିଟି



## କ୍ୟାପିଟାଲ ହସ୍ପିଟାଲ: ଓପିଡି ବୁକିଂ କିଓସ୍କୋ ବ୍ୟବହାର ଅଜଣା

ଭୁବନେଶ୍ୱର, ୧୯।୧(ସମିସ):



ରାଜଧାନୀର କ୍ୟାପିଟାଲ ହସ୍ପିଟାଲରେ ପ୍ରତିଦିନ ଲୋକଙ୍କ ଗହଳି ପରିଲକ୍ଷିତ ହୋଇଥାଏ। କେବଳ ରାଜଧାନୀ ନୁହଁ ବରଂ ପାଖାପାଖି ଜିଲ୍ଲାରୁ ମଧ୍ୟ ଚିକିତ୍ସା ପାଇଁ ଲୋକ ଏଠାକୁ ଆସିଥା'ନ୍ତି। ତେଣୁ ହସ୍ପିଟାଲ ପରିସରରେ ଥିବା ପଞ୍ଜୀକରଣ କେନ୍ଦ୍ର ବାହାରେ ପଞ୍ଜୀକରଣ ପାଇଁ ରୋଗୀମାନେ ଧାଡ଼ି ଲଗାଇଥା'ନ୍ତି। ଅଧିକ ଗହଳି ଯୋଗୁଁ ଲୋକଙ୍କୁ ଧାଡ଼ିରେ ହିଁ ଅଧିକ ସମୟ ଛିଡ଼ା ହେବାକୁ ପଡ଼ିଥାଏ। ଭିଡ଼ କମାଇବା ପାଇଁ ହସ୍ପିଟାଲର ପୂର୍ବ ପାର୍ଶ୍ୱର ପଞ୍ଜୀକରଣ କେନ୍ଦ୍ର ନିକଟରେ ଗତବର୍ଷ ଅନ୍‌ଲାଇନ୍ ଓପିଡି ବୁକିଂ କିଓସ୍କୋ ଲଗାଯାଇଥିଲା। ଯାହାଫଳରେ ଲୋକ ଧାଡ଼ିରେ ନ ରହି ଅନ୍‌ଲାଇନ୍ ମାଧ୍ୟମରେ ଯେକୌଣସି ସମୟରେ ନିଜର ପଞ୍ଜୀକରଣ କରିପାରିବେ। ମୋବାଇଲ୍‌ରେ ବୁକିଂ ପରେ ସ୍ୱଳ୍ପ ସମୟ ମଧ୍ୟରେ ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ହେଲେ ଏହି ମେସିନ୍‌କୁ ବ୍ୟବହାର କରିବା ବଦଳରେ ଲୋକ ଧାଡ଼ିରେ ହିଁ ପଞ୍ଜୀକରଣ କରୁଥିବା ପରିଲକ୍ଷିତ ହେଉଛି। ମେସିନ୍ ନିକଟରେ ଏକ ବଡ଼ ବୋର୍ଡ ମାଧ୍ୟମରେ ତାକୁ ବ୍ୟବହାର କରିବାର ପ୍ରଣାଳୀ ମଧ୍ୟ ଲେଖା ଅଛି। କିନ୍ତୁ ଲୋକ ସେଠାରେ ଅନ୍‌ଲାଇନ୍ ବୁକିଂକୁ ପସନ୍ଦ କରୁ ନ ଥିବା ଦେଖିବାକୁ ମିଳୁଛି। ଆସୁଥିବା ରୋଗୀଙ୍କ ମଧ୍ୟରେ ମୁଖ୍ୟ କଥା ହେଉଛି ଅନ୍‌ଲାଇନ୍ ବୁକିଂ ପାଇଁ ଲୋକେ ସଚେତନ ନାହାନ୍ତି। ଏହାର ବ୍ୟବହାର କାହାରିକୁ ଜଣାନାହିଁ। ଯିଏ କିଏ ଜାଣିଛି କାଁ ଭାଁ ଏହାର ବ୍ୟବହାର କରୁଛି।

ଏନେଇ ଧାଡ଼ିରେ ଥିବା ଜଣେ ବୟସ୍କ ବ୍ୟକ୍ତି କୁହନ୍ତି, ନା ଆମେ ସେ ଫୋନ୍ ଧରୁଛୁ ନା ତା'ର ବ୍ୟବହାର ଜାଣୁ। ଏ ଅନ୍‌ଲାଇନ୍ ପଞ୍ଜୀକରଣ କୁଆଡ଼େ ଆସିବ। ତେଣୁ ଧାଡ଼ିରେ ହିଁ ଛିଡ଼ା ହେବାକୁ ପଡୁଛି ବୋଲି ସେ କହିଛନ୍ତି। କଥାଟି ହେଲା ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ଅଧିକାଂଶ ଲୋକ ଏପର୍ଯ୍ୟନ୍ତ ଏହି ମେସିନ୍‌ର ବ୍ୟବହାର ଜାଣି ନାହାନ୍ତି, ତ ଆଉକିଛି ମେସିନ୍ ସହିତ ପରିଚିତ ନୁହେଁ କି ସେ ବିଷୟରେ ଜଣା ମଧ୍ୟ ନାହିଁ। ତେଣୁ ପୂର୍ବରୁ ଚାଲି ଆସିଥିବା ନିୟମ ଅନୁଯାୟୀ ସେମାନେ ଆସି ପଞ୍ଜୀକରଣ କେନ୍ଦ୍ର ବାହାରେ ହିଁ ଧାଡ଼ି ଲଗାଉଛନ୍ତି। ଫଳରେ ସେଠାରେ ଗହଳି ବଢ଼ୁଛି। କମ୍ ସମୟରେ ଅନ୍‌ଲାଇନ୍ ପଞ୍ଜୀକରଣର ସୁବିଧା ଥାଇ ମଧ୍ୟ ବ୍ୟବହାର ଉପଯୋଗୀ ହୋଇପାରୁନି। ସେହିପରି ବାରଙ୍ଗରୁ ଆସିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ଲିସା ନାୟକ କୁହନ୍ତି, ଏହି ମେସିନ୍ ଅଧିକାଂଶ ସମୟ କାମ କରେନି। ସେ ପୂର୍ବରୁ ବି ଏଠାକୁ ଆସିଛନ୍ତି, ହେଲେ କେତେବେଳେ ମନିଟର୍ କାମ କରେନି ତ କେତେବେଳେ କ୍ୟୁଆର୍ କୋଡ୍ କାମ କରେନି। ଲୋକ କେମିତି ଜାଣିବେ ଏହାର ବ୍ୟବହାର। ମେସିନ୍ ଏବେ କାମ କରୁଥିଲେ ହେଁ, ପାର୍ଶ୍ୱରେ ଜଣେ ହସ୍ପିଟାଲ ତରଫରୁ ସହାୟକ ରହିଲେ ଲୋକଙ୍କୁ ସୁବିଧା ହୁଅନ୍ତା। କେବଳ ଅନ୍‌ଲାଇନ୍ ଓପିଡି ବୁକିଂ କିଓସ୍କୋ ନୁହେଁ ବରଂ ତା' ନିକଟରେ ଥିବା ଲ୍ୟାବ୍ ରିପୋର୍ଟ ପ୍ରିଣ୍ଟିଂ ମେସିନ୍‌ର ମଧ୍ୟ ସମାନ ଅବସ୍ଥା। ମେସିନ୍‌ର ବ୍ୟବହାର ଜାଣି ନ ଥିବାରୁ ଲୋକ ଧାଡ଼ିରେ ହିଁ ଛିଡ଼ା ହୋଇ ରିପୋର୍ଟ ଆଣୁଥିବା ଦେଖିବାକୁ ମିଳୁଛି। ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ତରଫରୁ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇଲେ ମେସିନ୍ ବ୍ୟବହାର ଉପଯୋଗୀ ହୋଇପାରିବ ବୋଲି ପରିସରରେ ଥିବା କିଛି ଲୋକ ମତ ଦେଇଛନ୍ତି।

**ପଞ୍ଜୀକରଣ ପାଇଁ ଏବେ ବି ଲମ୍ବା ଧାଡ଼ି**

**ସଚେତନ କରାଯାଉ ନାହିଁ**

**ଲ୍ୟାବ୍ ରିପୋର୍ଟ ପ୍ରିଣ୍ଟିଂ ମେସିନ୍‌ର ମଧ୍ୟ ସମାନ ଅବସ୍ଥା**



## ଜୀବନର କେତେ ରଙ୍ଗ: ଅଟକିନି ହାତ; ପ୍ରତିବନ୍ଧକ ସାଜିନି ବୟସ

ବୟସ ତାଙ୍କ ପାଇଁ କେବେ ପ୍ରତିବନ୍ଧକ ସାଜିନି। ମନୋବଳ ଆଜି ବି ଦୁଇ ହାତକୁ କାମ କରିବା ପାଇଁ ସକ୍ଷମ କରିଛି। ବାଉଁଶରେ ନିଖୁଣ କାମ କରି ବିଭିନ୍ନ ଉପକରଣ ପ୍ରସ୍ତୁତ କରିବା ତାଙ୍କ ବୃତ୍ତି। ପିଲାବେଳୁ ବାପାଙ୍କୁ କାମ କରୁଥିବାର ଦେଖି ଦେଖି ବଡ଼ ହେଲେ। ଏବେ ନିଜେ ସେଥିରେ ପାରଙ୍ଗମ। ବୟସ ୭୦ ଛୁଇଁଲାଣି। ତଥାପି ହାତ ଦୁଇଟି ଥକିନି କି ଅଟକି ଯାଇନି। ସମୟ ସହ କାମ ଏବେବି ଜାରି ରହିଛି। ପରିବାର ପ୍ରତିପୋଷଣର ଭାର କାନ୍ଧରେ ଥିଲା ଯାଏଁ ଏ ହାତ ଏମିତି ଚାଲିଥିବ ବୋଲି ତାଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା।

ଏ ହେଉଛନ୍ତି ୭୦ ବର୍ଷୀୟ ଅପର୍ଣ୍ଣା। ପ୍ରକୃତ ଘର ବ୍ରହ୍ମପୁର, ହେଲେ ଦୀର୍ଘ ବର୍ଷ ଧରି ରାଜଧାନୀରେ ରହିଲେଣି ବୋଲି ସେ କୁହନ୍ତି। ଘର ଚଳେଇବାକୁ ବିଭିନ୍ନ ବାଉଁଶ ଉପକରଣ ତିଆରି କରି ବିକ୍ରି କରନ୍ତି। ରାଜମହଲ ଛକ ରାସ୍ତାକଡ଼ରେ ତାଙ୍କ ବାଉଁଶ ପସରା ମେଲିଥାଏ। ସକାଳୁ ସଞ୍ଜ ସେଇଠି ବସି ବାଉଁଶ କାମ କରୁଥା'ନ୍ତି। ଏହି କାମ ଛଡ଼ା ତାଙ୍କୁ ଅନ୍ୟ କିଛି ଜଣାନାହିଁ। ହେଲେ ସମୟ ସହ ବାଉଁଶ ଉପକରଣର ଚାହିଦା କମିବାରୁ ଏହି କାମରେ ମଜା ମିଳୁନାହିଁ ବୋଲି ସେ କୁହନ୍ତି। କାରଣ ପରିଣତ ବୟସରେ ବି ପରିଶ୍ରମ ଅନୁସାରେ ପଇସା ମିଳୁନାହିଁ। ଫଳରେ ଏ କାମ ପ୍ରତି ଆଉ ଆଗ୍ରହ ଆସୁନି। ଆଗଭଳି ଲୋକ ଏସବୁ ସାମଗ୍ରୀ ଖୋଜୁନାହାନ୍ତି କି କିଣୁନାହାନ୍ତି। ତେଣୁ ତାଙ୍କ ବ୍ୟବସାୟ ମାନ୍ଦା ଚାଲୁଥିବା କହିଛନ୍ତି। ଏଥିରେ ଆଉ ଆଗଭଳି ଲାଭ ନ ଥିବାରୁ ଧୀରେ ଧୀରେ କୌଳିକ ବୃତ୍ତିକୁ ଯିବାକୁ ଆଗାମୀ ପିଢ଼ି ଆଉ ଇଚ୍ଛା କରୁନାହାନ୍ତି। ପ୍ଲାଷ୍ଟିକ୍ ଜିନିଷ ବାଉଁଶ ତିଆରି ଜିନିଷର ଜାଗା ନେଲାଣି। ତେଣୁ ଆମକୁ ଆଉ କେହି ଖୋଜୁନାହାନ୍ତି ବୋଲି ନିଜ ଦୁଃଖ ପ୍ରକାଶ କରିଥିଲେ ଅପର୍ଣ୍ଣା। ସେ ଆହୁରି ମଧ୍ୟ କହିଥିଲେ ଆଜିର ସମାଜ ଆଧୁନିକ ଜିନିଷ ଉପରେ ଅଧୀକ ନିର୍ଭରଶୀଳ ହେବା ସହ ସେସବୁକୁ ନିଜର ଅଭ୍ୟାସରେ ପରିଣତ କରିସାରିଲେଣି। ସେଥିପାଇଁ ପାରମ୍ପରିକ ଶୈଳୀରେ ତିଆରି ସାମଗ୍ରୀ ହଜିବାକୁ ବସିଲାଣି। ସହରରେ ବାଉଁଶ ତିଆରି ସାମଗ୍ରୀକୁ ବ୍ୟବହାର ପାଇଁ ଆଉ ଖୋଜା ପଡୁନି। କେବଳ ଗ୍ରାମାଞ୍ଚଳରେ ହିଁ ଏହାର ଯାହା ଯେତିକି ବ୍ୟବହାର ହେଉଛି। କେବଳ ଘର ଚଳେଇବାକୁ ବୃତ୍ତିକୁ ସେ ଏ ବୟସରେ ମଧ୍ୟ ଜାବୁଡ଼ି ଧରିଛନ୍ତି ବୋଲି କୁହନ୍ତି।



## ବରିମୁଣ୍ଡ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

ନନ୍ଦନକାନନ,୧୯।୧(ସମିସ): ଉତ୍ତର ଭୁବନେଶ୍ୱର ବରିମୁଣ୍ଡ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ବାବା ନଗେନ୍ଦ୍ର ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ଏହା ହେଉଛି। ସ୍ଥାନୀୟ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଦଳ ଯୋଗଦେଇ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ପହଞ୍ଚି ବିଭୁକୃପା ଲାଭ ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ବିଜେଡି ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ଗ୍ରାମ ମୁରବୀ ସନାତନ ସ୍ୱାଇଁ, ଅଭୟ ପତି, ଭୀମସେନ ପତି, ମଙ୍ଗୁଳି ସେଠୀ, ଯୋଗେନ୍ଦ୍ର ବାରିକ, ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ପରିଚାଳନା କରିଛନ୍ତି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ବାଲିପାଟଣା,୧୯।୧(ସମିସ): ବାଗଲପୁର ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୧୯ତମ ବାର୍ଷିକ ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଲିପାଟଣା ତହସିଲ୍‌ଦାର କଳ୍ପନା ଦାସ ଯୋଗଦେଇ କହିଥିଲେ ଯେ ଛାତ୍ରଛାତ୍ରୀମାନେ ତାଙ୍କର ପିତା-ମାତା ଓ ଶିକ୍ଷା ଗୁରୁଙ୍କ ଅବଦାନକୁ ଭୁଲିଯିବା ଉଚିତ୍ ନୁହେଁ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶଶିଭୂଷଣ ପାତ୍ର, ଶିଶୁ ଅନନ୍ତ ସ୍ମୃତି ସଂସଦ ସମ୍ପାଦିକା ତଥା ଶିଶୁ ଲେଖିକା ତାନୟା ଦାସ ଗୋସ୍ୱାମୀ, ପ୍ରେସ୍ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା ଓ ଉପଦେଷ୍ଟା ଜଗନ୍ନାଥ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅପରାହ୍ଣରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ ମାଟି, ଗୋଡ଼ି, ପଥରରେ ନିର୍ମାଣ କାମ କଲେ ବିକାଶ ହୁଏନାହିଁ। ପିଲାଙ୍କୁ ମଣିଷ କଲେ ହିଁ ପ୍ରକୃତ ବିକାଶ ହୁଏ। ଅନ୍ୟମାନଙ୍କ ମଧ୍ୟରେ ପୁଲିସ ବିଭାଗର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଳିତେନ୍ଦୁ ମହାନ୍ତି, ସମାଜସେବୀ କିଶୋର ଜେନା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟର କୃତିତ୍ୱର ପ୍ରଶଂସା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଅଧ୍ୟକ୍ଷା ରତ୍ନପ୍ରଭା ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ଅରୁଣ କୁମାର ଶତପଥୀ ପରିଚାଳନା କରିଥିଲେ।

## ଏମ୍‌ସ ଠିକା କର୍ମଚାରୀ ସଂଘ ପକ୍ଷରୁ ସାଧାରଣ ସଭା

ଭୁବନେଶ୍ୱର,୧୯।୧(ସମିସ): ଏମ୍‌ସ ଠିକା କର୍ମଚାରୀ ସଂଘ ପକ୍ଷରୁ ସାଧାରଣ ସଭା ଏକ ହୋଟେଲରେରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭା ଠିକା କର୍ମଚାରୀ ସଂଘର ସଭାପତି ଅଞ୍ଜନ ନାଥଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଯୋଗଦେଇଥିଲେ ଏବଂ ଅବସରପ୍ରାପ୍ତ ଯୁଗ୍ମ ଲେବର କମିସନର ପ୍ରଦିପ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। ଏହି ସଭାରେ ଏମ୍‌ସରେ କାର୍ଯ୍ୟରତ ଠିକା କର୍ମଚାରୀମାନଙ୍କ ସାପ୍ତାହିକ ଛୁଟି ନ ମିଳିବା, ଇଏସ୍‌ଆଇସି, ଇପିଏଫ୍ ସଠିକ୍ ସମୟରେ ଡିପୋଜିଟ୍ ନ କରିବା, ଠିକା କର୍ମଚାରୀମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଭଳି ଅନେକ ପ୍ରକାର ଅସୁବିଧା ବିଷୟରେ ଆଲୋଚନା ହୋଇଥିଲା। ଏଥିସହ ସମାଧାନ ଓ ପ୍ରତିକାର କିପରି କରାଯିବ ସେ ବିଷୟରେ ଆଲୋଚନା ହେଇଥିଲା। ଏହି ସଭାରେ ସଂଘର କର୍ମକର୍ତ୍ତା ଦାମୋଦର ସ୍ୱାଇଁ, ଯଦୁନାଥ ସୋରେନ, ଯୁଧିଷ୍ଠିର ଘଡ଼େଇ, ସିଦ୍ଧାର୍ଥ ମହାନ୍ତି, ଅଜିତ୍ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରିହା ଫାଉଣ୍ଡେସନ ପକ୍ଷରୁ ଗୀତର ଆସର

ଭୁବନେଶ୍ୱର,୧୯।୧(ସମିସ): ରିହା ଫାଉଣ୍ଡେସନ ପକ୍ଷରୁ ରବିବାର ଜୟଦେବ ଭବନରେ କିଶୋର କୁମାରଙ୍କ ଗୀତର ଆସର ଅନୁଷ୍ଠିତ ହେଇଯାଇଛି। ଏଥିରେ ପ୍ରଥମେ କଣ୍ଠଶିଳ୍ପୀ ଏନ୍.କେ ଓ ସାଥୀଙ୍କ କଣ୍ଠରୁ ଝରିପଡ଼ିଥିଲା ଚିରସବୁଜ ଗୀତ "ଦେଖୋ ଓ ଦିୱାନୋ ତୁମ ଏ କାମ ନ କରୋ'। ପରେ ପରେ ଶଶାଙ୍କ, ପିନାକୀ, ରାଜ୍, ଅଲିଶା ଆଦିଙ୍କ ଗୀତରେ ଦର୍ଶକ ଝୁମିଥିଲେ। ଖିଲ୍‌ତେ ହେଁ ଗୁଲ୍ ୟହାଁ..., ଜୀବନ ସେ ଭେରି ଆଖେଁ..,ଝୁମୁରୁ ଆଦି ଗୀତ ଶ୍ରୋତାଙ୍କୁ ଶେଷ ଯାଏଁ ବାନ୍ଧି ରଖିଥିଲା। ଏହି କାର୍ଯ୍ୟକ୍ରମକୁ କମଲକୀରଣ ଓ ସସ୍ମିତା ମିଶ୍ର ପରିଚାଳନା କରିଥିଲେ। ଡ.ରିନା ରାଉତରାୟ ଓ କସ୍ତୁରିକା ମିଶ୍ର ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ରିହା ଫାଉଣ୍ଡେସନର ସଦସ୍ୟ ଡ. ନଳିନୀ ପଟ୍ଟନାୟକ ଓ ଅନ୍ୟାନ୍ୟ ଅତିଥି ଖଗେଶ୍ୱର ଚୌଧୁରୀ, ଡ. ବାସନ୍ତୀ ଦାଶ, ରାଉରକେଲାର ଲେଲିନ୍ ପଟ୍ଟନାୟକ, ଡ. ଭୁପୁତ୍ର ପଣ୍ଡା ଆଦି କୁନି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ପୁନେରେ ପ୍ରବାସୀ ଓଡ଼ିଆଙ୍କ ମକର ମିଳନ



ଭୁବନେଶ୍ୱର,୧୯।୧(ସମିସ): ପୁନେ କାଲେବାଡ଼ି ପିମ୍ପିରି ସହରରେ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଗଠିତ ଅନୁଷ୍ଠାନ ତ୍ରିନାଥ ମିତ୍ର ମଣ୍ଡଳର ବାର୍ଷିକ ଉତ୍ସବ ଓ ମକର ମିଳନ ପାଳିତ ହୋଇଯାଇଛି। ଏହି ଉତ୍ସବରେ ତ୍ରିନାଥ ମେଳାର ମହାମେଳିରେ ଭଜନକୀର୍ତ୍ତନ, ସଂକୀର୍ତ୍ତନରେ ପୁନେର ଗଗନ ପବନ ପ୍ରକମ୍ପିତ ହୋଇଥିଲା। ତ୍ରିନାଥ ମିତ୍ର ମଣ୍ଡଳ ଦ୍ୱାରା ଓଡ଼ିଶାରୁ ଆମନ୍ତ୍ରିତ ମାତୃମଣ୍ଡଳୀ ସଙ୍କୀର୍ତ୍ତନର ଗାୟିକା ପଙ୍କଜିନି ମହାଲିକା(ଗଙ୍ଗା) ପାରମ୍ପରିକ ସଙ୍ଗୀତ ରାସ ପରିବେଷଣ ଏବଂ ଓଡ଼ିଶାରୁ ଆମନ୍ତ୍ରିତ ଗାୟକ ଲିଟନ ମାଝୀ, ଜିନା ସାହୁଙ୍କ ପରିବେଷଣ ବେଶ୍ ପ୍ରଶଂସା ସାଉଟିଥିଲା। ଅନୁଷ୍ଠାନ ଦ୍ୱାରା ଆମନ୍ତ୍ରିତ ସ୍ଥାନୀୟ ପ୍ରବାସୀ ମଣ୍ଡଳୀ, ଶ୍ରୀକ୍ଷେତ୍ର ମିତ୍ର ମଣ୍ଡଳୀ, ଶାରଳା ମିତ୍ର ମଣ୍ଡଳୀ, ଜଗନ୍ନାଥ ମିତ୍ର ମଣ୍ଡଳୀ, ନୀଳାଚଳ ମିତ୍ର ମଣ୍ଡଳୀ ଓ ଚର୍ଚ୍ଚିକା ମିତ୍ର ମଣ୍ଡଳୀର ଭଜନ ପରିବେଷଣ ବେଶ୍ ମନ୍ତ୍ରମୁଗ୍ଧ ରହିଥିଲା। ପ୍ରବାସୀ ଓଡ଼ିଆଙ୍କ ମହାମେଳିରେ ସ୍ଥାନୀୟ ଲୋକ ଭାଗ ନେଇ ଓଡ଼ିଆ ପ୍ରସାଦ ଖାଇ ଓଡ଼ିଆ ପରମ୍ପରା, ଓଡ଼ିଆ ଖାଦ୍ୟ ବିଶ୍ୱରେ ନିଆରା ବୋଲି ପ୍ରଶଂସା କରିଥିଲେ। ସ୍ଥାନୀୟ ଜନପ୍ରତିନିଧିମାନେ ପ୍ରବାସୀଙ୍କ ଏଭଳି ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆ ଭାଷା ହିନ୍ଦୁ ଧର୍ମର ଏକ ମଜଭୁତ ସ୍ତମ୍ଭ ବୋଲି ଅନ୍ୟ ଭାଷାଭାଷୀଙ୍କୁ ଏହିଭଳି ହିନ୍ଦୁ ଧର୍ମ ଓ ଭାରତର ମହାନ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ଆହ୍ୱାନ ଦେଇଥିଲେ। ସଭାପତି ସୁରେଶ ବେହେରା ଧନ୍ୟବାଦ ଦେଇଥିବାବେଳେ ଜନ୍ମେଜୟ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୃଷ୍ଟିର ସର୍ବଶ୍ରେଷ୍ଠ ଆଶ୍ରୟ ସତ୍‌ସଙ୍ଗ

ନନ୍ଦନକାନନ,୧୯।୧(ସମିସ): ସତ୍‌ସଙ୍ଗ ହେଉଛି ସୃଷ୍ଟିର ସର୍ବଶ୍ରେଷ୍ଠ ଆଶ୍ରୟ। ସତ୍‌ସଙ୍ଗରେ ରହିଲେ ଜୀବନ ଅମୃତମୟ ହୋଇଉଠେ। ଯେଉଁଠି ସମସ୍ତ ସତ୍ତା ଖୁସି ଆନନ୍ଦରେ ଉଲ୍ଲସିତ ହୋଇ ଉଠିଥାଏ। ଏହା ନିର୍ଭୟ ବରାଭୟ ଏଠି ମହାକାଳ ଲୟ ହୋଇଯାଇଥାଏ ବୋଲି ଅତିଥିମାନେ ମତ ଦେଇଥିଲେ। ଉତ୍ତର ଭୁବନେଶ୍ୱର କଲ୍ୟାଣପୁରସ୍ଥିତ ସତ୍‌ସଙ୍ଗ କେନ୍ଦ୍ର ସ୍ୱସ୍ତିବନରେ ରବିବାର ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବନଭୋଜନ ମହୋତ୍ସବ ତତ୍ ସହ ସତ୍‌ସଙ୍ଗ କେନ୍ଦ୍ର ସ୍ୱସ୍ତିବନର ୨୫ତମ ବାର୍ଷିକ ଉତ୍ସବ ତଥା ରୌପ୍ୟଜୟନ୍ତୀ ମହା ଆନନ୍ଦର ସହ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ନହବତ୍, ପ୍ରତ୍ୟୁଷରେ ଉଷାକୀର୍ତ୍ତନ, ପ୍ରାତଃ ୬ଟା୨୨ରେ ସମବେତ ବିନତୀ ପ୍ରାର୍ଥନା ତତ୍ପରେ ନାମଜପ ଓ ସଦ୍‌ଗ୍ରନ୍ଥ ପାଠ, ୭ଟାରେ ସଂଗୀତାଞ୍ଜଳି, ୯ଟାରେ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ପରିକ୍ରମା, ୧୧ଟାରେ ସତ୍‌ସଙ୍ଗ, ମଧ୍ୟାହ୍ନରେ ପ୍ରସାଦସେବନ, ଅପରାହ୍ଣରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମାତୃସମ୍ମେଳନ, ସନ୍ଧ୍ୟା ୫ଟା ୨୩ରେ ସନ୍ଧ୍ୟା ବିନତୀ ପ୍ରାର୍ଥନା, ନାମଜପ ଓ ସଦ୍‌ଗ୍ରନ୍ଥ ପାଠ ଏବଂ ଆତସବାଜି ପ୍ରଦର୍ଶନ ହୋଇଥିଲା। ଏହି ସତ୍‌ସଙ୍ଗ ଉତ୍ସବରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ବୀଣାପାଣି ନାୟକଙ୍କୁ 'ପ୍ରଣବ ପରମ୍ପରା ସମ୍ମାନ'

ଭୁବନେଶ୍ୱର,୧୯।୧(ସମିସ): ସଂଭାବନା ପକ୍ଷରୁ ଆୟୋଜିତ 'ପ୍ରଣବ ପ୍ରଣାମ' ଉତ୍ସବ ରବିବାର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର ଏହି ଉତ୍ସବକୁ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଦେବ ପ୍ରସାଦ ପରିଜା ଉତ୍ସବର ପୃଷ୍ଠଭୂମି ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ଅନ୍ୟତମ ଅତିଥିଭାବେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗାୟିକା ଡ. ସୁଧା ମିଶ୍ର, ବିଶିଷ୍ଟ ଉଦ୍ୟୋଗୀ ପବିତ୍ର ରାଉତରାୟ, ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଗୁଚିସମ୍ପନ୍ନ ଓ ଜନପ୍ରିୟ ସଂଗୀତ ଗାୟନ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ସଂଗୀତ ଶିଳ୍ପୀ ବୀଣାପାଣି ନାୟକଙ୍କୁ ସପ୍ତଦଶ 'ପ୍ରଣବ ପରମ୍ପରା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିରେ କଣ୍ଠଶିଳ୍ପୀ ହରପ୍ରିୟା ସ୍ୱାଇଁ, ସିଦ୍ଧାନ୍ତ ଶତପଥୀ, ଆଶିଷ ଦତ୍ତ, ସ୍ମରଣିକା ନାୟକ, ସତ୍ୟ ସାର୍ଥକ, ଜିତେନ୍ଦ୍ର ସିଂ, କଣ୍ଠଶିଳ୍ପୀ ଭୂମି ଅଧରା, ମୁଁ ଯେ ଅମୃତ ସାଗର ବିନ୍ଦୁ, ମାଝିରେ ଶେଷ ଶ୍ରାବଣ, ଜୀବନ ଏକ ନାଟକ, ମଧୁଝରା ଫୁଲ ବନେ, ମା' ତୁମେ ଜଗତର ସାହା ଭରସା, ପୁଣି ସେଇ ଶ୍ରାବଣରେ, ଝୁମି ଝୁମି ନିଶାରେ ନକର ନକର ମନ, ଏମିତି ରାତି, ଉଆଁସ ରାତି ପାହିଲା ମାଝିରେ ଆଦି ସଙ୍ଗୀତ ଶ୍ରୋତାମାନଙ୍କୁ ବାନ୍ଧି ରଖିଥିଲା। ଏହି ଅବସରରେ ପ୍ରଣବ ସଂଗୀତ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା। ସଂଭାବନାର ଯୁଗ୍ମ ସମ୍ପାଦିକା ମିନାକ୍ଷୀ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦିକା ରଶ୍ମିତା ରଥ, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଦେ, ସଭ୍ୟା ରାଜଶ୍ରୀ ଶତପଥୀ, ସତ୍ୟବ୍ରତ ମହାପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




## ନିର୍ବାଚନ ପରେ... ଅଟକିଛି ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ନିର୍ମାଣ

### ନିଅଁ ଖୋଳା ହୋଇ ପଡ଼ିଛି ଜି+୧ କୋଠା ● ମାର୍ଚ୍ଚ ୬ରେ ସରିବ ନିର୍ମାଣ ଅବଧି

ଭୁବନେଶ୍ୱର,୧୯।୧(ସମିସ):

ନିଅଁ ଖୋଳା ହୋଇ କାମ ଆରମ୍ଭ ହେଲା। ସିମେଣ୍ଟ କଂକ୍ରିଟ୍ ପଡ଼ି ଛଡ଼ ପୋତା ହେଲା। ହଜାରେ ସିଟ୍ ବିଶିଷ୍ଟ ପ୍ରେକ୍ଷାଳୟ ନିର୍ମାଣ କରିବାକୁ କାର୍ଯ୍ୟ ତ୍ୱରାନ୍ୱିତ କରାଗଲା। ଆସନ୍ତା ଶିକ୍ଷାବର୍ଷ ଆରମ୍ଭରୁ ପ୍ରେକ୍ଷାଳୟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହେଲା। ହେଲେ ନିର୍ବାଚନ ସରିବା ପରେ ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। ଆଉ ଇଟା ଖଣ୍ଡେ ମଧ୍ୟ ଯୋଡ଼ାଯାଇନାହିଁ। ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ମାର୍ଜିତ କରୁଥିବା ଏକମାତ୍ର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିଛି।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଅବସରରେ ଅର୍ଥାତ୍ ୨୦୨୪ ଜାନୁଆରୀ ୪ରେ ଏକ ପ୍ରେକ୍ଷାଳୟ ନିର୍ମାଣ କରିବାକୁ ତତ୍କାଳୀନ ସଚିବ ଘୋଷଣା କରିଥିଲେ। ଜି+୧ ପ୍ରେକ୍ଷାଳୟ ନିର୍ମାଣ ପାଇଁ ୨୬ କୋଟି ୩୯ ଲକ୍ଷ ୭୬ ହଜାର ୬୦୮ ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହୋଇଛି। ୨୦୨୪ ମାର୍ଚ୍ଚ ୭ରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହ ଠିକ୍ ବର୍ଷେ ମଧ୍ୟରେ ଏହାର କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆସନ୍ତା ମାର୍ଚ୍ଚ ୬ ତାରିଖରେ ଏହାର ଅବଧି ସରୁଥିଲେ ମଧ୍ୟ କାର୍ଯ୍ୟ ସରିବା ସମ୍ଭାବନା ପ୍ରାୟ ଶୂନ୍। କାରଣ କେବଳ ସିମେଣ୍ଟ କଂକ୍ରିଟ୍ ଢଳାଇ ହୋଇଛି। ଉପରକୁ ଜମାରୁ ନିର୍ମାଣ ଆରମ୍ଭ ହୋଇନାହିଁ। ଏପରିସ୍ଥିତିରେ ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ସରିବାର ସମ୍ଭାବନା ନ ଥିବା କାର୍ଯ୍ୟକୁ ତଦାରଖ କରୁଥିବା ଇଡ୍‌କୋ ଭୁବନେଶ୍ୱର ଡିଭିଜନ୍-୧ର ଜଣେ ଇଞ୍ଜିନିୟର ପ୍ରକାଶ କରିଛନ୍ତି। ନିଅଣ୍ଟିଆ ଭିତ୍ତିଭୂମି ଦେଇ ଗତି କରୁଥିବା ଏହି ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବହୁ ବିଶିଷ୍ଟ ବ୍ୟକ୍ତି ଦାବି କରିଛନ୍ତି। ବିଶ୍ୱବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଭାସ୍କର୍ଯ୍ୟଶିଳ୍ପୀ ତଥା ପଦ୍ମବିଭୂଷଣ ସୁଦର୍ଶନ ସାହୁ ଭିତ୍ତିଭୂମି ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ରାଜ୍ୟର ଅନନ୍ୟ ସଂସ୍କୃତି ଓ ପରମ୍ପରାରେ ଉଲ୍ଲେଖନୀୟ ଅବଦାନ ରଖିଥିବା ମହାମନିଷୀଙ୍କ ସମ୍ପର୍କରେ ଗବେଷଣା କରିବାକୁ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଭିତ୍ତିଭୂମୀ ସୁଦୃଢ଼ କରିବାକୁ ସରକାରଙ୍କୁ ଦାବି କରିଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ନିଅଣ୍ଟିଆ ଭିତ୍ତିଭୂମୀରେ ମଧ୍ୟ ଉତ୍କର୍ଷ ପାଇବାକୁ ପ୍ରୟାସ ଜାରି ରହିଥିବା କହିଥିଲେ। ଏପରିସ୍ଥଳେ ପ୍ରେକ୍ଷାଳୟ ନିର୍ମାଣ କାର୍ଯ୍ୟ କେଉଁ କାରଣରୁ ବନ୍ଦ ରହିଛି ସେନେଇ କେହି ମୁହଁ ଖୋଲୁ ନାହାନ୍ତି।



